# ଦିନ ସରୁଛି, ପ୍ରଚାର ଜମୁଛି

## ସଂକ୍ଷେପରେ

### ବିଜେଡିର ୭ ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୧୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଶନିବାର ୭ଜଣ ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି। ବିଜେଡି ରାଜ୍ୟ ସମ୍ପାଦକ ଭାବେ ସତ୍ୟ ଜେନାଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ନିର୍ବାଚନ ସଂଯୋଜକ ଭାବେ ଜୟନ୍ତ ଦୀକ୍ଷିତ, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପରୀକ୍ଷିତ ମିଶ୍ର ଓ ଉଦୟ ଜ୍ୟୋତି ମହାନ୍ତି, ରାଜ୍ୟ ସମ୍ପାଦକ ଭାବେ ଅବିନାଶ ମଲ୍ଲିକ, ଖୋର୍ଦ୍ଧା ଜିଲା ଯୁବ ବିଜେଡିର ଉପସଭାପତି ଭାବେ ସମିମ ଉଦ୍ଦିନ୍ ଖାନ୍ ଓ ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ଭାବେ ବିଭୁଦତ୍ତ ପରିଡ଼ାଙ୍କୁ ନିଯୁକ୍ତ କରାଯାଇଛି।

### ଆଜି ରାଜନାଥ ସିଂଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୧୮।୫(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ହେବ। ତେଣୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଦଳର ହେଭିୱେଟ୍ ନେତାମାନେ ସଭା, ଶୋଭାଯାତ୍ରା, ରୋଡ୍ ଶୋ' ଆଦି କରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗୁଛନ୍ତି। ରବିବାର ଖୋର୍ଦ୍ଧା ହାବେଳି ପଡ଼ିଆରେ ହେବାକୁ ଥିବା ନିର୍ବାଚନୀ ସଭାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାନସଭା ପ୍ରାର୍ଥୀ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ପାଇଁ ସେ ପ୍ରଚାର କରିବେ। ରବିବାର ରାଜନାଥ ୩ଟି ନିର୍ବାଚନୀ ସଭାରେ ଯୋଗଦେବେ। ସକାଳ ସାଢ଼େ ୯ଟାରେ ରେଢାଖୋଲ, ପୂର୍ବାହ୍ନ ୧୧.୫୫ରେ ପାଟଣା ସାଧାରଣ ସଭାରେ ଯୋଗଦେବା ପରେ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ହାବେଳି ପଡିଆସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇ ସେଠାରେ ଆୟୋଜିତ ସଭାରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଦୁଇ ଗଞ୍ଜେଇ ବେପାରି ଗିରଫ

ଭୁବନେଶ୍ୱର,୧୮।୫(ସତ୍ୟଜିତ୍ ରାଉତ)

ଭରତପୁର ଥାନା ପୋଲିସ ଦୁଇ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲା ତାରାସିଂ ଅଞ୍ଚଳର ପୁପୁଲ ନାୟକ (୨୧) ଓ ସନ୍ତୋଷ ନାୟକ (୨୦)। ସେମାନଙ୍କ ନିକଟରୁ ୬କେଜି ୨୫୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ଗଞ୍ଜାମରୁ ଗଞ୍ଜେଇ ଆଣି ଶୁକ୍ରବାର ସାମପୁର ଦୁର୍ଗାପୂଜା ପଡ଼ିଆ ନିକଟରେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବାବେଳେ ପୋଲିସ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ଏନେଇ (ନଂ.୩୩୫/୨୦୨୪) ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ନବକିଶୋର, ମନ୍ମଥଙ୍କ ପାଇଁ ଭୋଟ ମାଗିଲେ ପାଣ୍ଡିଆନ୍



ବାଲିପାଟଣା,୧୮।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ସ୍ଥିତ ଖେଳପଡ଼ିଆରେ ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ କହିଥିଲେ, ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ଜୟଦେବ ନିର୍ବାଚନମଣ୍ଡଳୀରେ ଉନ୍ନତୀକରଣ କାର୍ଯ୍ୟ କରାଯିବ। ବିଏସ୍‌କେୱାଇ ସୁବିଧାରୁ ବଞ୍ଚିତ ସମସ୍ତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ। ଜୁଲାଇ ପହିଲାରୁ ରାଜ୍ୟର ୯୦ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡ଼ିବ ନାହିଁ। ମିଶନ ଶକ୍ତି ସଦସ୍ୟାଙ୍କର ୬୦ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା କରାଯିବ। ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ନବ କିଶୋର ମଲ୍ଲିକ ଓ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ପାଣ୍ଡିଆନ୍ ନିବେଦନ କରିଥିଲେ। ସେହିପରି ଧନୁଆରେ ବନ୍ଧ ଓ ଏହି ନିର୍ବାଚନମଣ୍ଡଳୀରେ ଶୀତଳ ଭଣ୍ଡାର ହେବ ବୋଲି ବିଧାୟକ ପ୍ରାର୍ଥୀ ନବ କିଶୋର କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା କମଳ କୁମାର ପାତ୍ରଙ୍କ ସମେତ ବହୁ ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ରଘୁନାଥପୁରରେ ବିଜେଡିର ରୋଡ୍ ଶୋ'

ବାରଙ୍ଗ,୧୮।୫(ଲିଙ୍ଗରାଜ ରାଉତ)

ବିଜେଡି ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଶନିବାର ରାତିରେ ରୋଡ ଶୋ'ରେ ରଘୁନାଥପୁର ଗ୍ରାମ ପରିକ୍ରମା କରିଛନ୍ତି। ବାଇକ୍ ଶୋଭାଯାତ୍ରାରେ ରାଉତ ଗ୍ରାମ ପରିକ୍ରମା କରି ଯୋଡି ଶଙ୍ଖରେ ଭୋଟ ଦେବାକୁ ଗ୍ରାମବାସୀଙ୍କୁ ନିବେଦନ କରିଛନ୍ତି। ଗ୍ରାମର ବିଭିନ୍ନ ସ୍ଥାନରେ ଶହଶହ ମହିଳା ଏକାଠିହୋଇ ରାଉତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଶୋଭାଯାତ୍ରା ପରିକ୍ରମା ସମୟରେ ଲୋକମାନେ କୋଠା ଉପରେ ରହି ଫୁଲବର୍ଷା କରୁଥିବାର ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ସମିତିସଭ୍ୟ ନିହାରକାନ୍ତ ପଢିହାରୀ, ଗାନ୍ଧିବାଦୀନେତା ପ୍ରତାପ ଚନ୍ଦ୍ର ରାଉତ, ସୁରେଶ ରାଉତ, ଇଞ୍ଚଣା ସରପଞ୍ଚ ହେମନ୍ତ ପରିଡ଼ାଙ୍କ ସମେତ ୫ ପଞ୍ଚାୟତର ଲୋକପ୍ରତିନିଧି, ଗ୍ରାମମୁରବି, ଯୁବକ ଓ ଶହଶହ ଦଳୀୟକର୍ମୀ ଯୋଗ ଦେଇଥିଲେ।

## ରାଜନୈତିକ ନୁହେଁ, ନ୍ୟାୟ ପାଇଁ ଲଢ଼େଇ

ଭୁବନେଶ୍ୱର,୧୮।୫ (ଅନୁରାଧା ମହାରଣା)



ବ୍ୟୋମକେଶ ତ୍ରିପାଠୀ, ସ୍ୱାଧୀନ ପ୍ରାର୍ଥୀ, ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ

ପୁରୁଷ କମିଶନ ଗଠନ ପାଇଁ ଦୀର୍ଘବର୍ଷ ଧରି ଦାବି କରୁଥିବା ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ଲଢୁଛନ୍ତି। ନିଆରା ଢଙ୍ଗରେ ଗଳିକନ୍ଦି ବୁଲି ପ୍ରଚାର କରୁଛନ୍ତି। ପ୍ରଚାର ପାଇଁ ବ୍ୟବହାର କରୁଛନ୍ତି ସବୁଦିନ ବ୍ୟବହାର କରୁଥିବା ବୁଲେଟ୍। ଆଗରେ ପ୍ରଚାର ଯନ୍ତ୍ର ଓ ପଛରେ ପ୍ରଚାରପତ୍ର ରହିଥିବା ଏକ ବାକ୍ସ ରହିଛି। ତା' ସହିତ ନିର୍ବାଚନୀ ଚିହ୍ନ ହୁଇସିଲ ବାଣ୍ଟି ଜନତାଙ୍କ ସମର୍ଥନ ଲୋଡୁଥିବା ତ୍ରିପାଠୀଙ୍କ ସହ ଧରିତ୍ରୀ ପକ୍ଷରୁ ସଂକ୍ଷିପ୍ତ ବାର୍ତ୍ତାଳାପ...

**■ଆଇନଜୀବୀ ହୋଇ ରାଜନୀତିକୁ ଆସିବାର କାରଣ?**

ମୋ ଲଢ଼େଇ ରାଜନୈତିକ ଲଢ଼େଇ ନୁହେଁ, ନ୍ୟାୟ ପାଇଁ ଲଢ଼େଇ। ପୁରୁଷ ସମାଜ, ପାରିବାରିକ ଓ ସାମାଜିକସ୍ତରରେ ନିର୍ଯାତିତ ତଥା ନ୍ୟାୟ ପାଇଁ କୋର୍ଟ କଚେରି ଦୌଡ଼ିଦୌଡି ନିରାଶ ହେଉଥିବା ବରିଷ୍ଠ ନାଗରିକ, ସିଭିଲ୍ ସର୍ଭିସ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷାଦେବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ମାଧ୍ୟମରେ ସେମାନଙ୍କ ଦକ୍ଷତାକୁ ନ୍ୟାୟ ଦେବା ପାଇଁ ନିର୍ବାଚନ ଲଢୁଛି।

**■ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**

୮ଟି ନିର୍ବାଚନୀ ପ୍ରସଙ୍ଗ ମଧ୍ୟରୁ ମୁଖ୍ୟ ପ୍ରସଙ୍ଗ ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବି। ରାଜଧାନୀର ବଡ଼ ବଡ଼ ଶିକ୍ଷାନୁଷ୍ଠାନର ପ୍ରତିଟି କ୍ଲାସର ପାଠପଢ଼ା ରେକର୍ଡ କରିବା ବ୍ୟବସ୍ଥା କରିବି। ଫଳରେ ଦୂରଦୂରାନ୍ତରୁ ଝିଅମାନେ ଏଠାକୁ ନ ଆସି ଏଠାରେ ପଢ଼ାଯାଉଥିବା ପାଠ ନିଜ ନିଜ ଅଞ୍ଚଳରେ ଉପଲବ୍ଧ କରିପାରିବେ। ଜୟଦେବ ବିହାର-ନନ୍ଦନକାନନ ରୋଡ୍‌ରେ ଓଭରବ୍ରିଜ୍ ପାଇଁ ପଦକ୍ଷେପ ନେବି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ମଦ୍ୟପମାନେ ମାସିକ ୧୨ଲିଟରରୁ ଅଧିକ ମଦ ନ କିଣିପାରିବା ପାଇଁ ଏକ ସ୍ମାର୍ଟ କାର୍ଡ ବ୍ୟବସ୍ଥା କରାଯିବ। ମଦ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ମାଗଣାରେ ନିଶାନିବାରଣ କେନ୍ଦ୍ରରେ ରଖାଯିବ। ମଦ୍ୟପଙ୍କ ଚିକିତ୍ସା ପାଇଁ ମଧ ସହାୟତା ରାଶି ପ୍ରଦାନ କରାଯିବ।

**■କେଉଁ ଗୋଷ୍ଠୀର ଭୋଟର ସର୍ବାଧିକ ସମର୍ଥନ ଦେବେ ଭାବୁଛନ୍ତି?**

ନ୍ୟାୟ ଆଶାରେ ଥିବା ସବୁ ଭୋଟର ସମର୍ଥନ ଦେବେ।

**■ଗତଥର ତୁଳନାରେ ଏଥର ନିର୍ବାଚନକୁ କିପରି ଦେଖୁଛନ୍ତି?**

ଗତଥର ତୁଳନାରେ ମତଦାନ ହାର ନିଶ୍ଚିତ ଭାବରେ ବଢ଼ିବ ବୋଲି ଆଶା କରୁଛି।

**■ଭୋଟରଙ୍କୁ କିପରି ଆକର୍ଷିତ କରିବେ?**

ଘରୋଇ ସହାୟିକା/ସହାୟକଙ୍କ ପାଇଁ ଏକ ଆୟୋଗ ଗଠନ କରାଯିବ । ସେମାନଙ୍କୁ ପରିଚୟ ପତ୍ର ମିଳିବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ପରିଚୟ ପତ୍ର ମିଳିବ। ଛାତ୍ରୀଛାତ୍ର ଅଥବା ବରିଷ୍ଠ ନାଗରିକ ସମସ୍ତଙ୍କ ପାଇଁ କିଛି ନୂଆ ଯୋଜନା ରହିଛି। ତେଣୁ ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ କରୁଛନ୍ତି।

**■କେଉଁ ଦଳ ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବ?**

ଉତ୍ତର ନିର୍ବାଚନମଣ୍ଡଳୀରେ ୧୦ରୁ ଅଧିକ ପ୍ରାର୍ଥୀ ଅଛନ୍ତି। ମାତ୍ର ଗୋଟିଏ ଭୋଟରେ ହେଉ ପଛେ ବିଜୟ ସୁନିଶ୍ଚିତ।

## ୩ ସ୍ଥାନରେ ପ୍ରଚାର କଲେ ଅଶୋକ, ମନ୍ମଥ



ପୁରୁଣା ଭୁବନେଶ୍ୱର,୧୮।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଚାର କରିଛନ୍ତି। ୱାର୍ଡ ନଂ. ୫୯ ଲିଙ୍ଗରାଜ ମନ୍ଦିରଠାରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଥିଲା। ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ମେୟର ସୁଲୋଚନା ଦାସ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଗ୍ୟାରେଜ ଛକ, ଶ୍ରୀରାମ ନଗର, ସମନ୍ତରାପୁର, ନୂଆଗାଁ, ଗୌରୀ ନଗର ଆଦି ଅଞ୍ଚଳବାସୀ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିଭଳି ଅପରାହ୍ନରେ ରୁଚିକା ମାର୍କେଟଠାରୁ ରୋଡ ଶୋ'ରେ ବାହାରି ବରମୁଣ୍ଡା ହାଉସିଂ ବୋର୍ଡ, ମହାବୀର ବିଜୁ ଆଦର୍ଶ କଲୋନୀ ଅଞ୍ଚଳରେ ଭୋଟ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ବରମୁଣ୍ଡା ଗ୍ରାମରେ ପରିବାର ସମ୍ପର୍କ ଅଭିଯାନରେ ଅଶୋକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ନୃପେଶ ନାୟକ, ଦୀପକ ମିଶ୍ର, ଡ.ସନ୍ତୋଷ ବେଜ, ସୁଜିତ ସାଇଁ, ପୁଷ୍ପା ଦାସ, ଅଶ୍ୱିନୀ ସୁନ୍ଦରାୟ, ସମରେଶ ବେଉରା, ଚିନ୍ମୟ ବଡଜେନା, ଦିବ୍ୟ ରଞ୍ଜନ ବେହେରା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦୀପ୍ତି ରଞ୍ଜନ ମିଶ୍ର, ସୂର୍ଯ୍ୟ ମହାନ୍ତି, ଶିବ ପ୍ରସାଦ ମହାପାତ୍ର, ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେଲେ ଭାଜପା ନେତା, କର୍ମୀ

ଭୁବନେଶ୍ୱର,୧୮।୫(ଅନୁରାଧା ମହାରଣା)

ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ ଭାଜପା କର୍ମୀ ଶନିବାର ବିଜୁ ଜନତା ଦଳ(ବିଜେଡି)ରେ ଯୋଗଦେଇଛନ୍ତି। ଶଙ୍ଖଭବନଠାରେ ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ୨୦୨୪ ଆଳି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଜୋନ୍- ୩ ଆଳି ଜିଲା ପରିଷଦ ସଦସ୍ୟ ସୁମନ୍ତ ରାଉତ ଓ ଜୋନ୍- ୪ ଆଳି ଜିଲା ପରିଷଦ ସଦସ୍ୟ ଜୟରାମ ସାହୁ ପ୍ରମୁଖ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ସେହିପରି ପୃଥକ ଭାବେ ଶଙ୍ଖଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଧାମନଗର ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀ ଓ କର୍ମକର୍ତ୍ତା ଶଙ୍ଖଭବନଠାରେ ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ର, ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଓ ଧାମନଗର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୁବାସ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।

## ଭୁବନେଶ୍ୱରରେ ସବୁଠୁ ଅବହେଳିତ ବସ୍ତିବାସିନ୍ଦା: ଜଗନ୍ନାଥ



ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

ଦେଶର ପ୍ରଥମ ଯୋଜନାବଦ୍ଧ ନଗର ଭାବେ ଭୁବନେଶ୍ୱର ଗଠନ ହେବାର ପ୍ରାୟ ୭୦ ଦଶନ୍ଧି ଅତିକ୍ରମ କରିଥିଲେ ସୁଦ୍ଧା ବସ୍ତିବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ରାଜ୍ୟରେ ବିଜେଡି ସରକାର ୨୫ବର୍ଷ ଶାସନ କରୁଛି। ବସ୍ତିବାସିନ୍ଦାଙ୍କୁ ଭୟ ଓ ଭ୍ରମର ବାତାବରଣ ମଧ୍ୟରେ ରଖି ଭୋଟ୍ ପାଇଁ ବ୍ୟବହାର କରୁଛନ୍ତି ବୋଲି ଭାଜପାର ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ କହିଛନ୍ତି। ଶନିବାର ସନ୍ଧ୍ୟାରେ ୟୁନିଟ-୧ ସମେତ କେତେକ ବସ୍ତିରେ ପ୍ରଚାର ସମୟରେ ଜଗନ୍ନାଥ ଏହା କହିଛନ୍ତି। ବିଜେଡି ସରକାର ବସ୍ତିବାସିନ୍ଦାଙ୍କ ମୂଳ ସମସ୍ୟାର ସମାଧାନ ଓ ମୌଳିକ ସୁବିଧାକୁ ତିଳେମାତ୍ର ଧ୍ୟାନ ଦେଉନାହାନ୍ତି। ବସ୍ତିବାସିନ୍ଦାଙ୍କ ଭୋଟ ପ୍ରତିବଦଳରେ ଜଳବନ୍ଦୀ, ଡେଙ୍ଗୁ ଓ ବିପର୍ଯ୍ୟସ୍ତ ପରିମଳ ସମସ୍ୟା ଉପହାରରେ ଦିଆଯାଉଛି। ଏଭଳି ଛଳନା ଓ ଅବିଚାରକୁ ବସ୍ତିବାସିନ୍ଦାମାନେ ଠିକ୍ ଭବେ ଜାଣି ସାରିଛନ୍ତି। ତେଣୁ ଚଳିତ ନିର୍ବାଚନରେ ଭାଜପାକୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ଜଗନ୍ନାଥ ଆହ୍ୱାନ ଦେଇଛନ୍ତି।

## ପ୍ରତି ଘରୁ ବିଜୁଳି ମିଟର ଖୋଲି ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ଗୋଲକ

ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

ନିର୍ବାଚନ ଆସିଲେ ମିଛ ପ୍ରତିଶ୍ରୁତି ଦିଅନ୍ତି, ନିର୍ବାଚନ ସରିଲେ ସବୁକିଛି ଭୁଲି ବିଜେଡିର ନେତା ଓ ମନ୍ତ୍ରୀମାନେ ଯାଇ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭୀଚାରରେ ଲିପ୍ତ ରୁହନ୍ତି। ବାସ୍ତବରେ ବିଜେଡି ମିଛ ପ୍ରତିଶ୍ରୁତିର ଗନ୍ତାଘର ବୋଲି ନିଜେ ବାରମ୍ବାର ପ୍ରମାଣିତ କରିଥିବା ଭାଜପାର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ସେହିପରି କାଳିଆ, ବିଜୁ ଯୁବବାହିନୀ, ପିଠା, ମୋ ଘର ଭଳି ଅନେକ ଯୋଜନାକୁ ବିଜେଡି ସମାଧି ଦେଇ ସାରିଛି। ଚଳିତ ନିର୍ବାଚନରେ ଦଳ ପୁଣିଥରେ ନୂଆ ମିଛ ଗପ ଶୁଣାଇବା ଆରମ୍ଭ କରିଦେଇଛି। ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ ଏବଂ ଉପଭୋକ୍ତାଙ୍କୁ ବିଜୁଳି ଦେୟ ଦେବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭାରେ ଘୋଷଣା କରିଛନ୍ତି। ଯଦି ଏହା ବାସ୍ତବରେ ସତ, ତେବେ ସମସ୍ତଙ୍କ ଘରୁ ବିଜୁଳି ମିଟର ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଗୋଲକ ଆହ୍ୱାନ ଦେଇଛନ୍ତି। ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ବିଜେଡି ସରକାର ବିଫଳ ହେଉଥିବାବେଳେ ନିଜ ଅପାରଗତାକୁ ଲୁଚାଇବା ପାଇଁ ମୂଳ ପ୍ରସଙ୍ଗରୁ ଓହରି ଯାଉଛି ଓ ଓଡିଶାବାସୀଙ୍କ ଧ୍ୟାନ ଅନ୍ୟତ୍ର କରିବାର ଅପଚେଷ୍ଟା କରୁଛି। ମୋଦି ସରକାର ଗତ ୧୦ବର୍ଷର ଶାସନରେ ଓଡିଶାକୁ ୧୮.୮୩ ଲକ୍ଷ କୋଟି ଟଙ୍କାର ଆର୍ଥିକ ଅନୁଦାନ ଓ ସହାୟତା ପ୍ରଦାନ କରିଛନ୍ତି। ମାତ୍ର ଏଠାରେ ମୋଦି ଗ୍ୟାରେଣ୍ଟିରୁ ଓଡିଶାବାସୀ ବଞ୍ଚିତ ରହିଛନ୍ତି। ତେଣୁ ଦୀର୍ଘ ୨୫ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର ଓ ବ୍ୟଭୀଚାରୀ ବିଜେଡି ସରକାରର ଅନ୍ତ ହେବା ନିହାତି ଆବଶ୍ୟକ। ନୂତନ ଓଡିଶା ଗଠନ ପାଇଁ ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଆସିବ ଏବଂ ଓଡିଶାରେ ଭାଜପା ସରକାର ଗଠନ ହେବ ଗୋଲକ କହିଛନ୍ତି।

## ମଧ୍ୟ ଭୁବନେଶ୍ୱରରେ ଅନନ୍ତଙ୍କ ମାରାଥନ୍ ପ୍ରଚାର



ଭୁବନେଶ୍ୱର, ୧୮।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଶନିବାର ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ସକାଳେ ନୟାପଲ୍ଲୀ ଶାସ୍ତ୍ରୀନଗରରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାମାଜିକକର୍ମୀ ଓ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଆୟୋଜିତ ସଭାରେ ଯୋଗଦେଇ ଅଞ୍ଚଳର ଉନ୍ନତି ପାଇଁ କଥା ହୋଇଥିଲେ। ପରେ ୟୁନିଟ-୮ ଅଞ୍ଚଳରେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିବା ସହ ୟୁନିଟ-୯ ଅଞ୍ଚଳରେ ବିଜୁ ମହିଳା ଜନତା ଦଳ କର୍ମୀଙ୍କ ଦ୍ୱାରା ଆୟୋଜିତ ଜଳ ଛତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ କର୍ପୋରେଟର ଶ୍ରୀଧର ଜେନାଙ୍କ ସହିତ ଝାରପଡ଼ା ଅଞ୍ଚଳର ବିଭିନ୍ନ ଆପାର୍ଟମେଣ୍ଟ ଅନ୍ତେବାସୀଙ୍କୁ ଭେଟି ଶଙ୍ଖ ଚିହ୍ନରେ ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ନୟାପଲ୍ଲୀ ଅନନ୍ତ ନାରାୟଣ ମନ୍ଦିରରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ମାରିକ, ବରିଷ୍ଠ ସାମ୍ବାଦିକ ଅଶୋକ ପଟ୍ଟନାୟକ ଓ ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନାଙ୍କ ଉପସ୍ଥିତିରେ ଆୟୋଜିତ ସଭାରେ ଯୋଗଦେଇ ଜେନା ଲୋକଙ୍କ ସମର୍ଥନ ଲୋଡ଼ିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ।

## କାର୍‌ରୁ ୧.୦୫ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୧୮।୫(ସତ୍ୟଜିତ୍ ରାଉତ)

ନନ୍ଦନକାନନ-ଭୁବନେଶ୍ୱର ରାସ୍ତାର ଡ୍ରିମ୍ ସିଟି ନିକଟରେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଓ ପୋଲିସର ମିଳିତ ଟିମ୍ ଶନିବାର ଏକ କାର୍ (ଓଡ଼ି୧୩ଭି୫୦୦୫)ରୁ ୧ ଲକ୍ଷ ୫ ହଜାର ଟଙ୍କା ଜବତ କରିଛି। ଅପରାହ୍ନ ପ୍ରାୟ ୫ଟା ୩୦ରେ ଏସ୍‌ଏସ୍‌ଟି ଓ ପୋଲିସ ଟିମ୍ ଡ୍ରିମ୍ ସିଟି ନିକଟରେ ଯାଞ୍ଚ କରୁଥିଲେ। ଏହି ସମୟରେ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ଟଙ୍କା ମିଳିଥିଲା। ତେବେ କାର ମାଲିକ ତଥା ଡ୍ରାଇଭର ସନ୍ଦୀପ ରାୟ ଗୁରୁ ଟଙ୍କା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଟଙ୍କା ଜବତ କରାଯାଇଛି। ଏଥିସହ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ୍ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି କୁହାଯାଇଛି।



## ସଚେତନ ନାଗରିକ ଭାବେ ଭୋଟ ଦେବୁ

### ରାଜଧାନୀରେ ଉତ୍ସାହିତ ନୂଆ ଭୋଟର

ଭୁବନେଶ୍ୱର,୧୮।୫(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ନିର୍ବାଚନକୁ ନେଇ ମାହୋଲ ସରଗରମ ରହିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବାକୁ ପ୍ରୟାସ ଜାରି ରଖିଛନ୍ତି। ଭୁବନେଶ୍ୱରରେ ଚଳିତବର୍ଷ ଅନେକ ନୂଆ ଭୋଟର ବାଛିବେ ସେମାନଙ୍କ ନେତା। ଏଥିପାଇଁ ସେମାନଙ୍କ ମଧ୍ୟରେ ଭିନ୍ନ ଉତ୍ସାହ ଦେଖିବାକୁ ମିଳିଛି। ଏପରିସ୍ଥିତିରେ ସେମାନଙ୍କ ଭୋଟ ପ୍ରାର୍ଥୀଙ୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଜଣେ ନୂଆ ଭୋଟର ଭାବେ ସେମାନେ କିଭଳି ସେମାନଙ୍କ ନେତା ବାଛିବେ ସେନେଇ ଧରିତ୍ରୀ ପକ୍ଷରୁ ମତ ସଂଗ୍ରହ କରାଯାଇଥିଲା। ମତଦାନ ପ୍ରକ୍ରିୟାରେ ଯୋଡ଼ି ହେଉଥିବାରୁ ସେମାନେ ଖୁସିବ୍ୟକ୍ତ କରିବା ସହ ଜଣେ ସଚେତନ ନାଗରିକ ହିସାବରେ ପ୍ରାର୍ଥୀଙ୍କ କାମ ଦେଖି ଭୋଟ ଦେବା କଥା ଅନେକ ମତ ଦେଇଛନ୍ତି।



"ପ୍ରଥମ ଥର ଭୋଟ ଦେବି ତେଣୁ ଉତ୍ସାହିତ ବହୁତ ମାତ୍ରାରେ ଅଛି। ଭାରତର ନାଗରିକ ହିସାବରେ ଏହା ମୋର ଅଧିକାର। ଯେହେତୁ ଏହା ମୋର ପ୍ରଥମ ଭୋଟ, ଜଣେ ଛାତ୍ରୀ ହିସାବରେ ମୋ ଭୋଟ ଯେଭଳି ଏକପାଖିଆ ନ ହେବ ସେ ନେଇ ଦୃଷ୍ଟି ଦେବି। ପ୍ରାର୍ଥୀଙ୍କ କ'ଣସବୁ ପ୍ରତିଶ୍ରୁତି ରହିଛି, ସେ କିଭଳି ବ୍ୟକ୍ତି ସବୁ ଦେଖି ପ୍ରାର୍ଥୀ ଚୟନ କରିବି ଓ ଭୋଟ ଦେବି।

– ଶ୍ୱେତାଲିନା ମହାନ୍ତି



"ଆମକୁ ବୁଝୁଥିବା, ଆମ ଅଞ୍ଚଳ ପାଇଁ କାମ କରିଥିବା ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି। ଏହା ପ୍ରଥମ ଥର ହୋଇଥିବାରୁ ନିହାତି ଭାବେ ମୁଁ ସବୁ ଚିନ୍ତା କରି ଭୋଟ ଦେବି। କାରଣ ଏହା ୫ବର୍ଷର କଥା। ପ୍ରାର୍ଥୀମାନେ ପ୍ରଚାର ମାଧ୍ୟମରେ ଘରକୁ ଆସିଛନ୍ତି, ଭୋଟ ଦେବାକୁ ମଧ କହିଛନ୍ତି। ମାତ୍ର ମୁଁ ନୂଆ ଭୋଟର ହିସାବରେ କାହା କଥାରେ ପ୍ରଲୋଭିତ ହେବି ନାହିଁ। ଏପରି କି ପରିବାର କଥାରେ ନ ଆସି ନିଜ ଇଚ୍ଛାରେ ହିଁ ଭୋଟ ଦେବି। ପୂର୍ବରୁ କିଏ କିଭଳି କାମ କରିଛନ୍ତି ସବୁକୁ ଦୃଷ୍ଟିରେ ରଖି ମତଦାନ କରିବି।

– ଆଦିତ୍ୟ ପ୍ରସାଦ ମହାନ୍ତି



"ପ୍ରଥମ ଥର ମତଦାନରେ ସାମିଲ ହେବି, ତେଣୁ ବହୁତ ଖୁସି ଅଛି। ଭୋଟ ଦେବା ଖାଲି ମୋର ଅଧିକାର ନୁହେଁ ଏହା ମୋର କର୍ତ୍ତବ୍ୟ ମଧ। ପ୍ରାର୍ଥୀ ଓ ଦଳର ନୀତି, ଆଦର୍ଶ ଦେଖି ଭୋଟ ଦେବି। ଯିଏ ସରକାରରେ ଆସିଲେ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ ବିକାଶ କରିପାରିବେ, ରୋଜଗାର ସୃଷ୍ଟି କରିପାରିବେ ସର୍ବୋପରି ରାଜ୍ୟର ଉନ୍ନତି ଦିଗରେ ସଚ୍ଚୋଟ ମନରେ କାମ କରିବେ ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେବି।

– ସୃଷ୍ଟି ମିଶ୍ର

## ସଂକ୍ଷେପରେ

### ଭାଜପା ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଟାଙ୍ଗୀ,୧୮।୫(ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତର ଚିଲିକା ଛକ, ପ୍ରଧାନ ସାହି ଛକ, ରତନପୁର ସାହି ଛକରେ ଭାଜପାର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଭାଜପା କର୍ମୀ ଓ ସମର୍ଥକମାନେ ପଞ୍ଚାୟତର ବିଭିନ୍ନ ୱାର୍ଡରେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଓ ଗ୍ୟାରେଣ୍ଟି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଓ ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ କିଶୋର କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ବରିଷ୍ଠ ଆଇନଜୀବୀ ନକୁଳ ନାୟକ, ଚିନ୍ମୟ ପୃଷ୍ଟି, ବିଶ୍ୱରଞ୍ଜନ ଦାସ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଗଙ୍ଗାଧର ବେହେରାଙ୍କ ସମେତ ବହୁ ସଦସ୍ୟ ପରିଚାଳନା କରିଥିଲେ।

### ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ବେଗୁନିଆ,୧୮।୫(ସନ୍ଧ୍ୟାରାଣୀ ମିଶ୍ର)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବେଗୁନିଆସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତିଉତ୍ତମ ପ୍ରଦର୍ଶନ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗରେ ଜ୍ୟୋତି ପ୍ରସାଦ ସର୍ବାଧିକ ୯୩ ପ୍ରତିଶତ ନମ୍ବର ରଖି ସ୍କୁଲ ଟପର ହୋଇଛନ୍ତି। ସ୍ମୃତି ସଞ୍ଚିତା ପଣ୍ଡା ୮୪.୮ ପ୍ରତିଶତ ଓ ବର୍ଷାରାଣୀ ନାୟକ ୮୩.୨ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦଶମରେ ସୁଶ୍ରୀ ସଂହିତା ସାହୁ ସର୍ବାଧିକ ୯୬.୮ ପ୍ରତିଶତ ରଖି ବିଦ୍ୟାଳୟର ଟପ୍ପର ହେଇଛନ୍ତି। ସ୍ମୃତି ସୁରେଖା ମହାରଣା ୯୫ ପ୍ରତିଶତ ଓ ସୁଭ୍ରକାନ୍ତି ସାହୁ ୯୪.୪ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଶମ ଶ୍ରେଣୀରେ ମୋଟ ୧୬ ଜଣ ଶିକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଦ୍ୱାଦଶ ବାଣିଜ୍ୟ ବିଭାଗରେ ଶ୍ରଦ୍ଧାଞ୍ଜଳି ରାୟ ସର୍ବାଧିକ ୭୯.୮ ପ୍ରତିଶତ ନମ୍ବର ରଖିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧୮।୫(ଲିଙ୍ଗରାଜ ରାଉତ)

ନରାଜ ମାର୍ଥାପୁର ରେଳଷ୍ଟେଶନ ସମ୍ମୁଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଞ୍ଚଳର ମନୋଜ ମହାପାତ୍ର (୩୨)। ଏନେଇ ପୋଲିସ ନଂ.୩୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ନରାଜ-ମାର୍ଥାପୁର ରେଳଷ୍ଟେଶନ ସମ୍ମୁଖ ଏକ ନିମ୍ବଗଛରେ ଗାମୁଛା ସାହାଯ୍ୟରେ ମନୋଜଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସେହି ପାଖରେ ମନୋଜଙ୍କ ଅଟୋ (ଓଡି ୦୫ ଡବ୍ଲ୍ୟୁ ୩୪୨୬)ଟି ରହିଥିଲା। ଅଟୋ ସିଟ୍‌ରେ ବିଭିନ୍ନ ପ୍ରକାର ଔଷଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେ ବାରଙ୍ଗ ଅଧୀନ କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଦିବ୍ୟାଙ୍ଗ ସ୍ତ୍ରୀ ଏବଂ ୧୦ ବର୍ଷର ଝିଅ ସହ ରହୁଥିବାବେଳେ ନରାଜ ଅଞ୍ଚଳରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନାହିଁ।

# ‘ଚିଲିକାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସଙ୍କଳ୍ପବଦ୍ଧ’

ବାଣପୁର/ବାଲୁଗାଁ,୧୮।୫
(ଦିଲୀପ ସ୍ୱାଇଁ/ ସଂଗ୍ରାମ ପାଇକରାୟ)



ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

ବାଣପୁରସ୍ଥିତ ଐତିହାସିକ ପଲଟଣ ପଡ଼ିଆରେ ଶନିବାର ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ କହିଥିଲେ, ନବୀନ ପଟ୍ଟନାୟକ ୬ଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ଚିଲିକା ନିର୍ବାଚନମଣ୍ଡଳୀରେ ଡବଲ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଚିଲିକାର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦୃଢ଼ ସଙ୍କଳ୍ପବଦ୍ଧ। ଗତ ୫ବର୍ଷରେ ଭଗବତୀ ମନ୍ଦିରର ଉନ୍ନତୀକରଣ ନିମନ୍ତେ ୩୩ କୋଟି ଏବଂ ଡ୍ରେନେଜ୍ ସମସ୍ୟା ଦୂରୀକରଣ ପାଇଁ ୧୫କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଶାଳିଆ ଜଳସେଚନ ବ୍ୟବସ୍ଥା, ମଧୁବାବୁ ପେନସନ ଯୋଜନା, ମହିଳା ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟବୀମା ଯୋଜନା ଏବଂ ବିଦ୍ୟାଳୟ ରୂପାନ୍ତରୀକରଣ ଦ୍ୱାରା ଜନସାଧାରଣ ଉପକୃତ ହେବା ସହ ଅଞ୍ଚଳର ଉନ୍ନତି ଘଟିଛି। ଜନତାଙ୍କ ଆଶୀର୍ବାଦ ରହିଲେ ମୁଖ୍ୟମନ୍ତ୍ରୀ ଆହୁରି ଭଲ କାମ କରିବେ ବୋଲି ସେ କହିଥିଲେ।

ପାଣ୍ଡିଆନ ଆହୁରି କହିଥିଲେ, ବିଏସ୍‌କେୱାଇ ସୁବିଧାରୁ ବଞ୍ଚିତ ସମସ୍ତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ। ଜୁଲାଇ ପହିଲାରୁ ରାଜ୍ୟର ୯୦ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡ଼ିବନାହିଁ। ମିଶନ ଶକ୍ତି ସଦସ୍ୟାଙ୍କର ୬୦ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା କରାଯିବ। ଏଥିସହ ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ଚିଲିକା ବିଧାୟକ ବିଜେଡି ପ୍ରାର୍ଥୀ ରଘୁନାଥ ସାହୁଙ୍କୁ ୩୦ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଚିଲିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜେଡିକୁ ବିଜୟୀ କରିବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ପାଣ୍ଡିଆନ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ଏହାପରେ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ହାତ ମିଳାଇବା ସହିତ ମା'ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ସଭାରେ ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ୩୪ଟି ପଞ୍ଚାୟତ ଏବଂ ୨ଟି ଏନ୍‌ଏସିର ବହୁ ବିଜେଡି ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ବାଣପୁରରେ ପାଣ୍ଡିଆନ୍‌ଙ୍କ ନିର୍ବାଚନୀ ପ୍ରଚାର

# କେନ୍ଦ୍ର ଅନୁମତି ଦେଲେ ଚିଲିକାରେ ସେତୁ ହେବ: ପାଣ୍ଡିଆନ୍

କୃଷ୍ଣପ୍ରସାଦ,୧୮।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶାରେ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଲେ ଜୁଲାଇ ପହିଲାରୁ ରାଜ୍ୟର ୯୦ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ବିଲ୍ ଦେବାକୁ ପଡ଼ିବ ନାହିଁ। ମିଶନ ଶକ୍ତି ସଦସ୍ୟାଙ୍କର ୬୦ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା କରାଯିବ। ବିଏସ୍‌କେୱାଇ ସୁବିଧାରୁ ବଞ୍ଚିତ ସମସ୍ତ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ ସହିତ ସମସ୍ତ ମଠ, ମନ୍ଦିର ଓ ମସ୍‌ଜିଦର ବିକାଶ କରାଯିବ। ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ମିଳିଲେ ୩ବର୍ଷ ମଧ୍ୟରେ କରାଯିବ ବୋଲି ଶନିବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ଏହା କହିଛନ୍ତି।

ପାଣ୍ଡିଆନ୍ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କଥା କମ୍, କାମ ବେଶି କରନ୍ତି। ସେଥିଲାଗି ପ୍ରତି ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଜିତାଉଛନ୍ତି। ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଗସ୍ତ କରି ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଫାଇଲିନ ବାତ୍ୟା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ସହ ଲୋକଙ୍କୁ ଖାଦ୍ୟ ଯୋଗାଇଦିଆଯାଇଥିଲା। ସେବା ମନୋବୃତ୍ତି ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ଓ ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବା ପାଇଁ ପାଣ୍ଡିଆନ୍ ନିବେଦନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଉମାକାନ୍ତ କହିଥିଲେ, ନିର୍ବାଚନରେ ଜିତିଲେ ପ୍ରତି ମାସରେ ଲୋକଙ୍କୁ ଭେଟି ଅଞ୍ଚଳରେ ଥିବା ସମସ୍ୟାର ସମାଧାନ କରିବି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସାହୁ, ଦିଲୀପ କୁମାର ରଣସିଂହ, ଦୀପକ କୁମାର ଜେନା, ବିଜୟ କୁମାର ତରେଇ, ମୁନା ଜେନାଙ୍କ ସମେତ ବହୁ ବିଜେଡି ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

# ଅସ୍ମିତା ପ୍ରତି ଅବହେଳା ଓଡ଼ିଆ ଜାତି ପାଇଁ ଅସମ୍ମାନ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୧୮।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହି ଶ୍ରୀରାମ ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଶନିବାର କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଅସ୍ମିତାର ଅଭିମାନ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ବିଷ୍ଣୁ ପ୍ରସାଦ କର ମଙ୍ଗଳା ଚରଣ ପାଠ କରିଥିଲେ। ପରେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ଅତିଥି ଏବଂ ନାଟ୍ୟଗୁରୁ ପୁରୁଷୋତ୍ତମ ନାୟକ ବକ୍ତା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଓଡିଆ ଜାତିର ପରିଚୟ ଓ ଅସ୍ତିତ୍ୱର ପୁଞ୍ଜି ହେଉଛି ଅସ୍ମିତା।

ଏହାର ପ୍ରସାର ଓ ସୁରକ୍ଷା ନିହାତି ଲୋଡ଼ା। ପାଶ୍ଚାତ୍ୟ ସଭ୍ୟତାରେ ଯଦି ଅସ୍ମିତା ଅବକ୍ଷୟ ହେବାକୁ ବସିଛି ତେବେ ଦାୟଦମାନେ ହିଁ ଦାୟୀ ବୋଲି ଅତିଥି ମହାପାତ୍ର କହିଥିଲେ। ସେହିପରି ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଅବହେଳା ହିଁ ଓଡିଆ ଜାତିପ୍ରତି ଅସମ୍ମାନ ବୋଧକ ବୋଲି ଉପସ୍ଥିତ ବକ୍ତା ନାୟକ ମତବ୍ୟକ୍ତ କରିଥିଲେ। ମଧୁ ବାବୁ ହେଉଛନ୍ତି ଅସ୍ମିତାର ପ୍ରତୀକ। ତାଙ୍କ ପ୍ରେରଣାରେ ସଭିଏଁ ଅନୁପ୍ରାଣିତ ହେବା ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନା ଓ କବିତା ପାଠରେ କବିକେତନ ଗୌରଚରଣ ସାମନ୍ତସିଂହାର, କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, କବି ଗଙ୍ଗାଧର ଓଝା, ଛାତ୍ରୀ ବୀଣାପାଣି କର, ଶିକ୍ଷୟିତ୍ରୀ ରଶ୍ମି ରଞ୍ଜିତା ସୁବୁଦ୍ଧି, ମାନସୀ ଦାସ, ବସନ୍ତ କୁମାର ହୋତା, ଶିକ୍ଷକ ଜମ୍ମେଶର ମଙ୍ଗରାଜ, ସୁରେନ୍ଦ୍ର ପାଲଟାସିଂହ ଓ ଭାଗବତ ମହାପାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

### ଦେଶୀ ମଦ ଜବତ, ୨ ଗିରଫ

ବେଗୁନିଆ,୧୮।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲା ଗ୍ରାମର ସନ୍ଦୀପ ମହାପାତ୍ରଙ୍କଠାରୁ ୧୦ ଲିଟର ଓ ଆଲୋକ ମହାପାତ୍ରଙ୍କଠାରୁ ୧୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀମଦ ଜବତ କରାଯାଇଛି। ଏଥିସହ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶରେ ସହାୟକ ପୋଲିସ ଉପନିରୀକ୍ଷକ ଭୁବନ ବେହେରା ଓ ଜଗନ୍ନାଥ ପୂଜାରୀଙ୍କ ସମେତ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

### କୃଷକ ନେତା କେଲୁ ଶ୍ରୀଚନ୍ଦନଙ୍କ ସ୍ମୃତିଚାରଣ

ବୋଲଗଡ଼/ ବେଗୁନିଆ, ୧୮।୫
(ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର)

ବୋଲଗଡ଼ ବ୍ଲକ ଅଞ୍ଚଳର ବିଶିଷ୍ଟ କୃଷକ ନେତା କେଲୁ ଶ୍ରୀଚନ୍ଦନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପିଚୁକୁଳି ପଞ୍ଚାୟତ ଟିକାତଳ ଗ୍ରାମରେ ଆୟୋଜିତ ସଭାରେ ବାମପନ୍ଥୀ ନେତା ସୁମନ୍ତ ଛୋଟରାୟ ସଭାପତିତ୍ୱ କରିଥିଲେ। କୃଷକ ନେତା ବିଜୟ ଗୁମାନ୍‌ସିଂ, ଶିକ୍ଷକ ନେତା ଅଇଁଠୁ ରଣଜିତ୍‌ସିଂ, କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟ, ଆଡ୍‌ଭୋକେଟ ଅମିୟ ପଟ୍ଟନାୟକ, ବସନ୍ତ ସେଠୀ, ଲକ୍ଷ୍ମଣ ସେଠୀ ଓ କୈଳାସ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଚନ୍ଦନ ଜୀବନବ୍ୟାପୀ କୃଷକ ଆନ୍ଦୋଳନର ନେତୃତ୍ୱ ନେବା ସହ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସ୍ୱାମୀନାଥନ କମିଶନ ସୁପାରିସ କାର୍ଯ୍ୟକାରୀ କରି ଧାନ କୁଇଣ୍ଟାଲକୁ ୩ ହଜାର ଟଙ୍କା କରିବା ଉପରେ ଜୋର୍ ଦେଉଥିଲେ ବୋଲି ଉପସ୍ଥିତ ବକ୍ତାମାନେ କହିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଶ୍ରୀଚନ୍ଦନଙ୍କ ମୃତ୍ୟୁର ୪ ଦିନ ଅନ୍ତରରେ ଇହଲୀଳା ସମ୍ବରଣ କରିଥିବା ସହଧର୍ମିଣୀ ପ୍ରମିଳା ଶ୍ରୀଚନ୍ଦନଙ୍କ ମଧ୍ୟ ସ୍ମୃତିଚାରଣ କରାଯାଇଥିଲା। ସଭାରେ କମ୍ରେଡ୍ ବସନ୍ତ କୁମାର ପାଇକରାୟ ଉପସ୍ଥିତ ଥିବା ବେଳେ ଗାନ୍ଧୀ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## ଓଗାଳପୁରରେ ହାତୀ ଆତଙ୍କ

ନିରାକାରପୁର/ବେଗୁନିଆ, ୧୮।୫ (ମାନସ ଚନ୍ଦ୍ର ପଟ୍ଟନାୟକ/ ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଓଗାଳପୁର ଗ୍ରାମରେ ଶନିବାର ଏକ ଅଘଟଣ ଘଟିଛି। ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବୈକୁଣ୍ଠ ରାଉତରାୟ(୭୯)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ସାଢ଼େ ୫ଟାରେ ବୈକୁଣ୍ଠ ଗ୍ରାମ ନିକଟ ନିଜ ପଣସ ବଗିଚାକୁ ଯାଇଥିଲେ। ବଗିଚାରେ ବୁଲୁଥିବା ହାତୀପଲ୍ଲଙ୍କ ମଧ୍ୟରୁ ଗୋଟିଏ ହାତୀ ଆସି ବୈକୁଣ୍ଠଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଲୋକେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ସହିତ ବୈକୁଣ୍ଠଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଚନ୍ଦକା ଜଙ୍ଗଲରୁ ହାତୀପଲ୍ଲ ଆସି ବେଗୁନିଆ ବ୍ଲକ ଅଞ୍ଚଳରେ ଉତ୍ପାତ କରୁଛନ୍ତି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଆସି ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ହାତୀଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି ହେଲେ ସୁଫଳ ମିଳୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବିଶେଷକରି ୧୬ ଟିକିଆ ହାତୀପଲ୍ଲ ଏହି ବ୍ଲକର ହଜ ପଞ୍ଚାୟତ ଅନ୍ତର୍ଗତ ନାରଗୋଦା ଜଙ୍ଗଲରେ ରହୁଛନ୍ତି। ସେମାନେ ସିକୋ, ହଜ, ଶଗଡ଼ଭଙ୍ଗା, ହୀରାପୁର, ବୋତଲମା, ଦେଉଳି ଏବଂ ପରିଛଳ ଆଦି ୭ଟି ପଞ୍ଚାୟତ ଅଞ୍ଚଳରେ ଉତ୍ପାତ କରୁଛନ୍ତି। ତେବେ ହାତୀପଲ୍ଲଙ୍କୁ ଘଉଡ଼ାଇବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

### ବୃଦ୍ଧ ଗୁରୁତର



# ରୋଭର, ରେଞ୍ଜରଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

ବାଣପୁର,୧୮।୫(ଦିଲୀପ ସ୍ୱାଇଁ)




ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୧୭ଜଣ ରୋଭର, ରେଞ୍ଜର ସ୍ୱେଚ୍ଛାସେବୀ ରାଜ୍ୟସ୍ତରୀୟ ପୁରସ୍କାର ରାଜ୍ୟପାଳ ରଘୁବର ଦାସଙ୍କଠାରୁ ପାଇଛନ୍ତି। ଗତ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗୋଦାବରୀଶ ମହାବିଦ୍ୟାଳୟର ରେଞ୍ଜର ଚିନ୍ମୟୀ ମିଶ୍ର, ମୋନାଲିସା ବେହେରା, ସରିତା ପାଇକରାୟ, ଶିଳା ପ୍ରଧାନ, ପୁଷ୍ପାଞ୍ଜଳି ପ୍ରଧାନ, ସସ୍ମିତାରାଣୀ ବେହେରା, ସୋନୀ ମୁଦୁଲି, ପ୍ରିୟଙ୍କା ସୁବୁଦ୍ଧି, ସୁଶ୍ରୀ ସଙ୍ଗୀତା ପ୍ରଧାନ, ପୂଜା ମୁଦୁଲି, ଆଲିସା ପରିମାଣିକ ଏବଂ ରୋଭର ତୁଷାରକାନ୍ତ ମଲ୍ଲିକ, ଓମ୍‌ପ୍ରକାଶ ମହଲା, ରାଜେନ୍ଦ୍ର ସାହୁ, ଜିତେନ୍ଦ୍ର ଜେନା, ଆକାଶ ପାତ୍ର, ସୌମ୍ୟରଞ୍ଜନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ବିନାୟକ ହୋତା, ରୋଭର ଲିଡର ଆଦିତ୍ୟ ସାରଥି ବେଦମଣ୍ଡା ଏବଂ ରେଞ୍ଜର ଲିଡର ସୁଶ୍ରୀ ଉତ୍କଳିକା ପାଢ଼ୀଙ୍କ ଦିଗ୍‌ଦର୍ଶନ ଯୋଗୁ ଏହି ସଫଳତା ମିଳିପାରିଛି।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ବୈଠକ




ଟାଙ୍ଗୀ,୧୮।୫(ରଘୁନାଥ ସାହୁ)

ଟାଙ୍ଗୀ ଶାଖା ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ଏକ ବୈଠକ ବରିଷ୍ଠ ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀମାନଙ୍କ ପାଇଁ ସ୍ୱାସ୍ଥ୍ୟକାର୍ଡ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଏବଂ ଲୋକ ସଭା ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟଙ୍କୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବାକୁ ସମସ୍ତ ଆଇନଜୀବୀଙ୍କୁ ସଭାପତି ଆହ୍ୱାନ ଦେଇଥିଲେ। ଆଇନଜୀବୀ ଅନିଲ ପଟ୍ଟନାୟକ, ନିରଞ୍ଜନ ଦାସ, ଅଜୟ କୁମାର ରାୟ, ଅଶ୍ୱିନୀ କୁମାର ଦାସ, ସତ୍ରିକ୍ ରଥ, ଅଜୟ କୁମାର ସାହୁ, ମନୋଜ କୁମାର ମାନସିଂହ, ରମେଶ ବେହେରା, ବୈକୁଣ୍ଠ ନାଥ ଉଦୟ ସିଂ, ଜଗନ୍ନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାମୀଙ୍କ ପାଇଁ ପ୍ରଚାର କରୁଛନ୍ତି ସଞ୍ଜୁକ୍ତା

ଖୋର୍ଦ୍ଧା,୧୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ସାହୁ ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ମାରାଥନ ପ୍ରଚାର କରିଛନ୍ତି। ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଧାନସଭା ଆସନ ପାଇଁ ନିଜ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ତେବେ ରାଜେନ୍ଦ୍ରଙ୍କ ପ୍ରଚାର ମଙ୍ଗ ଧରିଛନ୍ତି ତାଙ୍କ ସ୍ତ୍ରୀ ତଥା ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତା ସାହୁ। ସଞ୍ଜୁକ୍ତା କେତେବେଳେ ରାଜେନ୍ଦ୍ରଙ୍କ ସହ ତ ଆଉ କେତେବେଳେ ଦଳୀୟ କର୍ମୀ, ମହିଳାମାନଙ୍କ ସହ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗ, ଶ୍ରୀରାମନଗର, ମୁକୁନ୍ଦପ୍ରସାଦ, ସାମନ୍ତରାପୁର ଆଦି ଅଞ୍ଚଳରେ ସଞ୍ଜୁକ୍ତା ସ୍ୱାମୀଙ୍କ ପାଇଁ ପ୍ରଚାର କରିଛନ୍ତି।



ଶନିବାର ୬ନଂ. ୱାର୍ଡରେ କାଉନ୍‌ସିଲର କମଳ ପ୍ରଧାନଙ୍କ ସଂଯୋଜନାରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଓ ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଯୋଗଦେଇ ଯୋଡ଼ିଶଙ୍ଖରେ ଭୋଟ ଦେବା ଲାଗି ଅନୁରୋଧ କରିଥିଲେ। ସେହିପରି ୪ନଂ. ୱାର୍ଡ କାଉନ୍‌ସିଲର ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ନିର୍ବାଚନୀ ସଭାରେ ରାଜେନ୍ଦ୍ର ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଯୋଡ଼ିଙ୍ଖରେ ଭୋଟ ଦେବାକୁ ଆହ୍ୱାନ କରିଥିଲେ। ଖୋର୍ଦ୍ଧାର ସୌନ୍ଦର୍ଯ୍ୟକରଣ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନକଲକ୍ଷ୍ମୀ ମହାନ୍ତି, ସୌର୍ଯ୍ୟରଞ୍ଜନ ମହାନ୍ତି, ମହମ୍ମଦ ଆରିଫ, ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଲଳିତ ମୋହନ ମହାପାତ୍ର, ଶ୍ରୀମୟୀ ପ୍ରିୟଦର୍ଶିନୀ, ପ୍ରକାଶ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ।

# ରାସ୍ତା ନିର୍ମାଣର ୬ମାସ ନ ପୂରୁଣୁ ଢଳେଇ ଉଠିଗଲା

ନିରାକାରପୁର,୧୮।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଯୋଜନାଗୁଡିକ ବାଟବଣା ହେଉଛି। ରାସ୍ତା ନିର୍ମାଣର ୬ ମାସ ନ ପୂରୁଣୁ କଂକ୍ରିଟ ଢଳେଇ ଉଠିଯିବାରୁ ଦୁର୍ଘଟଣା ଘଟି ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୂଆଗଡ଼ ପଞ୍ଚାୟତ ମୋରମୋରସିଂହ ଗ୍ରାମର ପ୍ରତାପ ପ୍ରଧାନ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପୂର୍ତ୍ତ ବିଭାଗ ରାସ୍ତାଠାରୁ ନୂଆଗଡ଼, କାଶୀପୁର ଭାୟା ନିରାକାରପୁରକୁ ସଂଯୋଗ କରୁଥିବା ୯. ୮୦ କି.ମି. ରାସ୍ତାର ନିର୍ମାଣ ନିମନ୍ତେ ୪୨୨.୬୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ବାବଦକୁ ମଧ୍ୟ ୩୦.୪୯ ଲକ୍ଷ ଟଙ୍କା ଅନୁଦାନ ରହିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାହେବାର ୬ ମାସ ମଧ୍ୟରେ କଂକ୍ରିଟ ଢଳେଇ ଫାଟିବା ସହ ଉଠିଯାଇଛି। ପ୍ରତାପ କୌଣସି କାର୍ଯ୍ୟରେ ହରିପୁରକୁ ବାଇକ୍‌ରେ ଯାଉଥିବା ବେଳେ ସ୍ଥାନୀୟ ଶ୍ମଶାନ ନିକଟ ରାସ୍ତାରେ ଖାଲ ଥିବାରୁ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ପ୍ରଥମେ ଟାଙ୍ଗୀ ପରେ ଖୋର୍ଦ୍ଧା ମେଡିକାଲ ପଠାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଗ୍ରାମର କେତେଜଣ ଯୁବକ ଟଙ୍କା ଖର୍ଚ୍ଚକରି ଉକ୍ତ ସ୍ଥାନରେ ମୋରମ ପକାଇ ମରାମତି କରିଛନ୍ତି। ରାସ୍ତା କାମର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି, ତୁରନ୍ତ ଉକ୍ତ ରାସ୍ତା ମରାମତି ପାଇଁ ଠିକାଦାରଙ୍କୁ କୁହାଯାଇଛି।



ରାସ୍ତାରେ ଖାଲ ହୋଇଥିବା ସ୍ଥାନରେ ସ୍ଥାନୀୟ ଯୁବକ ମୋରମ ପକାଇଛନ୍ତି।

### ରାସ୍ତାରେ ପଡ଼ି ଯୁବକ ଗୁରୁତର

**ସମୁଦ୍ରରେ ଭାସିଯାଉଥିବା ବେଳେ ପର୍ଯ୍ୟଟକ ଉଦ୍ଧାର**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଶନିବାର ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ଜଣେ ପର୍ଯ୍ୟଟକ ଭାସିଯାଉଥିଲେ। ତାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ହେଲେ ବଲାଙ୍ଗିର ଜିଲାର ଶ୍ରୀତମ ସାହୁ (୨୨)। ସେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ବେଳାଭୂମିର ସେକ୍ଟର ୮ ନିକଟରେ ଗାଧୋଉ ଥିଲେ। ଏହି ସମୟରେ ଢେଉ ମାଡରେ ସମୁଦ୍ରକୁ ଭାସିଯାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୫।୨୦୨୪

| | |
|---|---|
| ୪,୩୨,୯୧୨ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୪୫.୫୦୦ ଗ୍ରାମ୍ |

# ପିପିଲିର ବିକାଶ କଥା ଦୋହରାଇଲେ ପାଣ୍ଡିଆନ

ପିପିଲି,୧୮।୫
(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିର ବିକାଶ କଥାକୁ ଦୋହରାଇଛନ୍ତି ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍। ସେ କହିଛନ୍ତି, ପିପିଲିରେ ଦୀର୍ଘଦିନ ଧରି ଲାଗିରହିଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ଓ ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ବିଭିନ୍ନ ମନ୍ଦିର, ଚର୍ଚ୍ଚ ଓ ମସ୍‌ଜିଦ୍‌ର ବିକାଶ ପାଇଁ ମଧ୍ୟ ଅର୍ଥ ମଞ୍ଜୁର ହୋଇଛି। ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ପ୍ରଥମ ଉପହାର ସ୍ୱରୂପ ୯୦ ପ୍ରତିଶତ ଉପଭୋକ୍ତାଙ୍କୁ ମାଗଣା ବିଦ୍ୟୁତ ମିଳିବ, ଦ୍ୱିତୀୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବ ଏବଂ ତୃତୀୟରେ ମିଶନ ଶକ୍ତିର ମା'ମାନଙ୍କୁ ୬୦ ବର୍ଷ ପରେ ପେନସନ ଦିଆଯିବ। ଶନିବାର ଅପରାହ୍ନରେ ପିପିଲିର ଇନ୍ଦିରା ମଇଦାନରେ ଆୟୋଜିତ ବିଜେଡିର

**ବିଦ୍ୟୁତ୍ ପ୍ରକଳ୍ପ, ଚାନ୍ଦୁଆ ଶିଳ୍ପ ପାଇଁ ୧୨ କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ**



ସଭାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

ନିର୍ବାଚନୀ ସଭାରେ ଯୋଗଦେଇ ପାଣ୍ଡିଆନ୍ ଏହା ପ୍ରକାଶ କରିଛନ୍ତି।

ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ପାଣ୍ଡିଆନ୍ ସମ୍ବୋଧିତ କରିବା ସହ ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଏବଂ ପୁରୀ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ପାଇଁ ଭୋଟ ମାଗିଥିଲେ। ନବୀନ ପଟ୍ଟନାୟକ କଥାରେ ନୁହେଁ କାମରେ କରି ଦେଖାନ୍ତି ବୋଲି ସେ କହିଥିଲେ। ଭାଜପାର ବଡ଼ ବଡ଼ ନେତାମାନେ କେବଳ ଏଠାକୁ ଟୁରିଷ୍ଟ ଭାବେ ବୁଲିବାକୁ ଆସୁଛନ୍ତି ବୋଲି କହି ସେ କଟାକ୍ଷ କରିଥିଲେ। ନିର୍ବାଚନ ପରେ ପୁଣି ପିପିଲି ଆସିବି, ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି। ସେଥିପାଇଁ ମୁଁ ପୁନର୍ବାର ଆସି ଡବଲ କାମ କରିବି ବୋଲି ସେ କହିବା ସହ ବିଳମ୍ବରେ ପହଞ୍ଚିଥିବାରୁ ଜନସାଧାରଣଙ୍କୁ କ୍ଷମା ମାଗିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ କହିଥିଲେ, ମୋ ବାପା ପିପିଲି-ଡେଲାଙ୍ଗବାସୀଙ୍କ ସେବା କରିଥିଲେ। ମୁଁ ମଧ୍ୟ ମୋ ଦେହରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଆପଣମାନଙ୍କ ନିର୍ଦ୍ଦେଶରେ ସେବକ ହୋଇ ରହିବି। ଉକ୍ତ ସଭାରେ ରୁଦ୍ରପ୍ରତାପଙ୍କ ସହଧର୍ମିଣୀ ଜାଗୃତି ମହାରଥୀ, ବ୍ଲକ ଅଧ୍ୟକ୍ଷ ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପୂର୍ବତନ ଅଧ୍ୟକ୍ଷ ବୈରାଗୀ ଜେନା, ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି, ବିଜେଡି ନେତା ଦେବାଶିଷ ନନ୍ଦ, ପର୍ଶୁରାମ ମହାପାତ୍ର, ନବଘନ ପ୍ରଧାନ ଏବଂ ନିରୁପମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ...

### ଶେଷ ପର୍ଯ୍ୟାୟରେ ୩ ରଥର ତୁମ୍ବବିନ୍ଧ କାର୍ଯ୍ୟ



ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶନିବାର ରଥ ନିର୍ମାଣର ଅଷ୍ଟମ ଦିନରେ ୩ ରଥର ତୁମ୍ବ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ମୋଟ ୪୨ଟି ତୁମ୍ବରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଚାଲିଛି। ବିନ୍ଧ କାର୍ଯ୍ୟ ଶେଷ ହୋଇଥିବା ତୁମ୍ବଗୁଡିକରେ ଅର କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବା ସହ ତୁମ୍ବଗୁଡ଼ିକର ବଳକା ଅଂଶ ଘେରକଟା କରତି ସେବକଙ୍କ ଦ୍ୱାରା ଶେଷ ହୋଇଛି। ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୪ଟି ତୁମ୍ବ ମଧ୍ୟରୁ ଦୁଇଟି ନାହାକା ତୁମ୍ବ ଏବଂ ଦୁଇଟି ପଡ଼ି ନାହାକା ତୁମ୍ବର ୧୬ ଯୋଡ଼ା ବିନ୍ଧ ଶେଷ ହୋଇଛି। ଉକ୍ତ ତୁମ୍ବଗୁଡ଼ିକର ଘେର କଟା କାର୍ଯ୍ୟ ସରିଛି। ସେହିପରି ସୁଭଦ୍ରାଙ୍କ ଦର୍ପଦଳନ ରଥର ମୋଟ ୧୨ଟି ତୁମ୍ବରୁ ୪ଟି ନାହାକା ତୁମ୍ବ ଏବଂ ଗୋଟିଏ ପଡ଼ି ନାହାକା ତୁମ୍ବର ୧୬ ଯୋଡା ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଶେଷ କରି ସେଗୁଡ଼ିକରେ ଅର କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯାଇଛି। ପରେ ଭୋଇ ସେବକଙ୍କ ସହାୟତାରେ କରତି ସେବକଙ୍କୁ ଯୋଗାଇଦେବାରେ ଉକ୍ତ ତୁମ୍ବଗୁଡ଼ିକର ବଳକା ଅଂଶ ଘେରକଟା କାର୍ଯ୍ୟ ଶେଷ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମୋଟ ୧୬ଟି ତୁମ୍ବରୁ ସନ୍ଧ୍ୟା ସୁଦ୍ଧା ୪ଟି ନାହାକା ତୁମ୍ବ ଏବଂ ୪ଟି ପଡ଼ି ନାହାକା ତୁମ୍ବର ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ପରେ ତୁମ୍ବଗୁଡିକରେ ଅରକଣ୍ଟା ବସିବା ପାଇଁ ଅଗର ବିନ୍ଧ କାର୍ଯ୍ୟ ସରିଛି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ୩ ରଥର ୪୨ ତୁମ୍ବ ପାଇଁ ୬-୬ଟି ତୁମ୍ବରେ ଅର ସଂଯୋଗ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ ସହ ଶେଷ କରିଛନ୍ତି। ସେହିପରି ତିନି ରଥ ନାହାକା ତୁମ୍ବ ପାଇଁ ଆବଶ୍ୟକ ପନ୍ଦାରି ବଳା ନିର୍ମାଣ ଶେଷ କରି ସେଗୁଡ଼ିକର ମଠା କାର୍ଯ୍ୟ ଜାରି ରଖିଛନ୍ତି। ରଥ ନିର୍ମାଣର ଅଷ୍ଟମ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ସମୁଦାୟ ୧୧୨ ଜଣ କାରିଗର ଓ ସେବକ ନିୟୋଜିତ ଥିଲେ।

## ସଂକ୍ଷେପରେ

### ଚନ୍ଦନଯାତ୍ରା ଉପଲକ୍ଷେ ଭକ୍ତି ସଙ୍ଗୀତ ଆସର

ପୁରୀ,୧୮।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ପବିତ୍ର ବାହାର ଚନ୍ଦନଯାତ୍ରା ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚନ୍ଦନ ଚକଡ଼ା ନିକଟରେ ପାରମ୍ପରିକ ନୃତ୍ୟ ଓ ଭକ୍ତି ସଙ୍ଗୀତ ଆସର ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀର ପ୍ରାଚୀନ ସଙ୍ଗୀତ ଅନୁଷ୍ଠାନ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଶନିବାର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ମହାପ୍ରଭୁଙ୍କ ଚନ୍ଦନ ସଙ୍ଗୀତ ଦେଖ ଗୋ ରାଧାମାଧବ ଚାଲି, ଓଡ଼ିଶୀ ସଙ୍ଗୀତ, ଚମ୍ପୂ, ଛାନ୍ଦ, ଗୀତଗୋବିନ୍ଦ, ଜଣାଣ, ଭଜନ ଆଦି ପରିବେଷଣ କରିଥିଲେ। ସିପ୍ରା ମିଶ୍ର, ଚିରଶ୍ରଦ୍ଧା ମହାନ୍ତି, ମୋନାଲିସା ନାଥ, ଆୟୁଷା ପରିଡ଼ା, ସ୍ୱାଗତିକା ସ୍ୱାଇଁ, କ୍ରିଷ୍ଟା କାବେରୀ ମହାପାତ୍ର, ସୁଚିସ୍ମିତା ସୁବୁଦ୍ଧି, ସିପୁନ ନାୟକ ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ପ୍ରକାଶ କୁମାର ରଥ, ଗୁରୁ ରବିଚନ୍ଦ୍ର ଦାସ, ଗୁରୁ ସାରଦା ପ୍ରସନ୍ନ ମିଶ୍ର, ମନୋଜ କୁମାର ମହାପାତ୍ର, କ୍ରିଷ୍ଟା କୁମାର ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।





ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଅବସରରେ ଶନିବାର ଲିଙ୍ଗରାଜ କଳା ନିକେତନର ଛାତ୍ରୀଛାତ୍ରମାନେ ଭକ୍ତିସଙ୍ଗୀତ ପରିବେଷଣ କରୁଛନ୍ତି।

## 'ଜଳ ନିଷ୍କାସନ, ଡାକ୍ତରଖାନା ସମସ୍ୟା ଦୂର କରାଯିବ'

କଣାସ,୧୮।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଜଙ୍କିଆ ମେଳଣ ପଡ଼ିଆରେ ଶନିବାର ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସବୁ ଜନହିତକର କାର୍ଯ୍ୟ କରିଛନ୍ତି ସେ ସମ୍ପର୍କରେ ସୂଚନା ଦେବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିସାରିବା ପରେ ସର୍ବପ୍ରଥମେ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ମିଶନଶକ୍ତି ମହିଳାଙ୍କୁ ୬୦ ବର୍ଷ ବୟସ ହେଲେ ଭତ୍ତା ଦେବା ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ଏମ୍‌ପି ପାର୍ଥୀ ଅରୂପ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ସପକ୍ଷରେ ସେ ପ୍ରଚାର କରିଥିଲେ। କଣାସ ଓ ସତ୍ୟବାଦୀର ବିଭିନ୍ନ ସମସ୍ୟା ଯଥା-ଜଳ ନିଷ୍କାସନ, ଜଳ ଯୋଗାଣ, ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଥିବାରୁ ଉକ୍ତ ପ୍ରାର୍ଥୀ ଦ୍ୱୟ ବିଜୟୀ ହେଲେ ଏସବୁ ସମସ୍ୟାର ସମାଧାନ କରିବେ ବୋଲି ଦୁଇ ପ୍ରାର୍ଥୀ ସୂଚନା ଦେଇଥିଲେ। ଅତ୍ୟଧିକ ରୌଦ୍ରତାପ ଯୋଗୁ ସଭାସ୍ଥଳରେ କେତେକ ବ୍ୟକ୍ତି ଅଚେତ ହୋଇ ପଡ଼ିଥିଲେ। ସେମାନଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା କରାଯାଇଥିଲା।

## 'ଭାଜପା ନେତାମାନେ ଭୁଆଁ ବୁଲାଉଛନ୍ତି'

ବ୍ରହ୍ମଗିରି, ୧୮।୫(ସ୍ୱାଧୀନ ଚମ୍ପତିରାୟ):

ପୁରୀ ଜିଲାର ପିପିଲି, କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ କଣାସ ବ୍ଲକରେ ଶନିବାର ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିର୍ବାଚନୀ ପ୍ରଚାର କରିଛନ୍ତି। ପ୍ରଥମେ ସେ ପୁରୀ ଲୋକ ସଭା କ୍ଷେତ୍ର ଅଧୀନ କୃଷ୍ଣପ୍ରସାଦ ବ୍ଲକରେ ସଭା ସାରିବା ପରେ ବ୍ରହ୍ମଗିରି ବ୍ଲକ କେରାଣ୍ଡିଆ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ସେ ପୁରୀ ଲୋକ ସଭା ଆସନର ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବ୍ରହ୍ମଗିରି ବିଧାନସଭା ଆସନର ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପାଣ୍ଡିଆନ ଉଦ୍‌ବୋଧନ ଦେଇ କହିଥିଲେ, ଦିଲ୍ଲୀରୁ ଆସୁଥିବା ଭାଜପା ନେତାମାନେ ବହୁତ ମିଛ କହୁଛନ୍ତି। କାରଣ ଓଡ଼ିଶା ପାଇଁ ତାଙ୍କର କୌଣସି ଅବଦାନ ନାହିଁ। ସେମାନେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେସବୁ ଯୋଜନା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁ କରିଛନ୍ତି। ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ରୂପାନ୍ତରଣ, ଅଲାରନାଥ, ବାଲିହରଚଣ୍ଡୀ ଓ କମଳେଶ୍ୱର ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର କାର୍ଯ୍ୟ କରିଛନ୍ତି। କେନ୍ଦ୍ର ସରକାର ଏହି ସବୁ ପ୍ରକଳ୍ପ ପାଇଁ ଟଙ୍କାଟିଏ ବି ଅନୁଦାନ ଦେଇନାହାନ୍ତି। ବିଶେଷ କରି ଚିଲିକାରେ ସେତୁ ନିର୍ମାଣ ନେଇ କେନ୍ଦ୍ର ସରକାର ଚୁପ୍ ବସୁଛନ୍ତି। ୨୦୧୫ରେ କେନ୍ଦ୍ର ମନ୍ତ୍ରୀ ଗଡ଼କରି ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ରୋଡ୍ ସହିତ ଜହ୍ନିକୁଦାଠାରୁ ସାତପଡ଼ା ପର୍ଯ୍ୟନ୍ତ ସେତୁ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇ ତାହାକୁ କାର୍ଯ୍ୟକାରୀ କଲେନାହିଁ। ଆଜି ତାଙ୍କର ପ୍ରତିଶ୍ରୁତି କେତେ ସତ ତାହା ସାଧାରଣ ଜନତା ବୁଝିପାରୁଥିବେ। ଏହି ଅବସରରେ ଉମାକାନ୍ତ ଉଦ୍‌ବୋଧନ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ସେବା କରିବା ପାଇଁ ପଠାଇଛନ୍ତି। ମୋତେ ସମସ୍ତେ ଆଶୀର୍ବାଦ କରନ୍ତୁ, ମୁଁ ସେବକ ଭାବେ କାମ କରିବି। ସେହିପରି ଲୋକ ସଭା ପ୍ରାର୍ଥୀ ଅରୂପ କହିଥିଲେ, ଜୁନ ୯ ପରେ ଓଡ଼ିଶାର ମା'ମାନଙ୍କ ପାଇଁ ସବୁ ଘରକୁ ଲକ୍ଷ୍ମୀ ଆସୁଛନ୍ତି।

## ହତ୍ୟା ଧମକ ଦେଇ ଜେଲ ଗଲେ ଅଭିଯୁକ୍ତ

### -ଜିଲା ମହିଳା ମହାସଂଘ ସଭାନେତ୍ରୀଙ୍କୁ ଧମକ ଘଟଣା

ଗୋପ,୧୮।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଜିଲା ଓ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ହତ୍ୟା ଓ ଦାଦାବଟି ଧମକ୍ ଘଟଣାରେ ଗୋପ ପୋଲିସ ୯ ଦିନ ପରେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଞ୍ଚଳର ପ୍ରଶାନ୍ତ ପାତ୍ର (୫୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କୌଣସି କାରଣ ନ ଗତ ୯ ତାରିଖରେ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ଏକ ଧମକ ପୂର୍ଣ୍ଣ କଲ୍ ଆସିଥିଲା। ତାଙ୍କୁ ସମ୍ପୃକ୍ତ ବ୍ୟକ୍ତି ୬ ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ସପରିବାରକୁ ହତ୍ୟା ଧମକ ଦେଇଥିଲା। ଏହି ଅଭିଯୋଗକୁ ନେଇ ପୋଲିସ ୧୫୮/୨୪ରେ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ପ୍ରଶାନ୍ତଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ପାଣିକୋଇଲି ଅଞ୍ଚଳରୁ କାବୁ କରିଥିଲା।

# ୧୫୯୮ ବୁଥ୍‌ରେ ଭୋଟ ଦେବେ ୧୪,୧୩,୫୧୨ ମତଦାତା

ପୁରୀ, ୧୮।୫(ଅଜିତ୍ କୁମାର ମହାନ୍ତି)

**ପୁରୁଷ ୭୨୫୭୮୪, ମହିଳା ୬୮୭୬୪୩**

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ୧୦୭ ନଂ-ପୁରୀ, ୧୦୮ ନଂ- ବ୍ରହ୍ମଗିରି, ୧୦୯ ନଂ-ସତ୍ୟବାଦୀ ଓ ୧୧୦ ନଂ-ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୦୫ନଂ.-କାକଟପୁର ଓ ୧୦୬ନଂ -ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ରେ ମତଦାନ ହେବ। ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଚଳିତ ନିର୍ବାଚନରେ ଜିଲାର ୬ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ୧୫୯୮ ବୁଥ୍‌ରେ ୧୪,୧୩,୫୧୨ ଜଣ ଭୋଟର ମତଦାନ କରିବେ। ସେଥିମଧ୍ୟରେ ପୁରୁଷ ୭୨୫୭୮୪, ମହିଳା ୬୮୭୬୪୩ ଏବଂ ଅନ୍ୟ ଭୋଟର ୮୫ ଜଣ ରହିଛନ୍ତି। କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୮୦ ବୁଥ୍‌ରେ ୨୪୪୧୦୬ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୨୫୯୩୯, ମହିଳା ୧୧୮୧୬୩ ଓ ଅନ୍ୟାନ୍ୟ ୪ ଜଣ ରହିଛନ୍ତି। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥ୍‌ରେ ୨୪୭୫୯୨ ଭୋଟର ରହିଥିବା ବେଳେ ପୁରୁଷ ୧୨୬୭୧୨, ମହିଳା ୧୨୦୮୭୨ ଓ ଅନ୍ୟାନ୍ୟ ୮ଜଣ ରହିଛନ୍ତି। ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ବୁଥରେ ୨୪୦୦୭୮ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୨୨୬୬୦, ମହିଳା ୧୧୭୩୭୧, ଅନ୍ୟାନ୍ୟ ୪୭ ଭୋଟର ରହିଛନ୍ତି। ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ବୁଥରେ ୨୨୮୮୪୨ ଭୋଟରଙ୍କ ମଧ୍ୟରୁ ୧୧୭୫୦୧ ପୁରୁଷ, ୧୧୧୩୨୯ ମହିଳା ଓ ୧୨ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫୪ ବୁଥରେ ୨୧୪୯୩୨ ଭୋଟର ଥିବା ବେଳେ ୧୧୦୯୦୪ ପୁରୁଷ,୧୦୪୦୨୦ ମହିଳା ଓ ୮ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୪ ବୁଥରେ ୨୩୭୯୬୨ ମତଦାତାଙ୍କ ମଧ୍ୟରୁ ୧୨୨୦୬୮ ପୁରୁଷ, ୧୧୫୮୮୮ ମହିଳା ଓ ୬ ଜଣ ଅନ୍ୟାନ୍ୟ ମତଦାତା ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ଇତି ମଧ୍ୟରେ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ଦୁଇ ପର୍ଯ୍ୟାୟ ପ୍ରଶିକ୍ଷଣ ଦିଆଯିବା ସହ ବୁଥଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି। ଇଭିଏମ୍ ରେଣ୍ଡୋମାଇଜେସନ ଶେଷ ହୋଇଛି। ପର୍ଯ୍ୟବେକ୍ଷକମାନେ ଜିଲାରେ ରହି ସମସ୍ତ କାର୍ଯ୍ୟର ପର୍ଯ୍ୟାଲୋଚନା ଓ ତଦାରଖ ଜାରି ରଖିଛନ୍ତି। ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ତେଣୁ ଏଥିରେ ସାମିଲ ହୋଇ ମତଦାନ କରିବାକୁ ସମସ୍ତ ମତଦାତାଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି।

## ରୋଗୀଙ୍କ ସହିତ ଜନ୍ମଦିନ ପାଳିଲେ ଡାକ୍ତର

ଗୋପ,୧୮।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଡାକ୍ତରଖାନାର ଡା. ଶିବ ପ୍ରସାଦ ମଙ୍ଗରାଜ ତାଙ୍କ ୬୧ତମ ଜନ୍ମଦିନକୁ ରୋଗୀଙ୍କ ସହିତ ପାଳିଛନ୍ତି। ସେ ରୋଗୀଙ୍କ ଗହଣରେ କେକ୍ କାଟିବା ସହ ଭୋଜିଭାତର ଆୟୋଜନ କରି ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଦେଇଥିଲେ। ଡା. ମଙ୍ଗରାଜଙ୍କ ନିକଟକୁ ଗୋପ, ନିମାପଡ଼ା ସହିତ ଅନ୍ୟ ଅଞ୍ଚଳରୁ ରୋଗୀ ଆସିଥାନ୍ତି। ରୋଗୀମାନେ ତାଙ୍କ ପରିବାର ସଦୃଶ ହୋଇଥିବାରୁ ସେ ଏପରି ନିଆରା ଢଙ୍ଗରେ ଜନ୍ମଦିନ ପାଳିବାକୁ ନିଷ୍ପତ୍ତି ନେଲେ ବୋଲି ଡା. ମଙ୍ଗରାଜ କହିଥିଲେ।



## 'ରାଜ୍ୟର ସୁରକ୍ଷା, ସମ୍ମାନ ପାଇଁ ଭାଜପା ସରକାର ପଦକ୍ଷେପ ନେବ'

ନିମାପଡ଼ା/ଚାରିଛକ,୧୮।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ/ଶିଶିର ସ୍ୱାଇଁ)

ରାଜ୍ୟର ସୁରକ୍ଷା, ସମ୍ମାନ ରକ୍ଷା ପାଇଁ ଏକ ସମୃଦ୍ଧ ବିକଶିତ ଓଡ଼ିଶା ଗଠନ ସକାଶେ ଭାଜପା ସରକାର ହିଁ ପଦକ୍ଷେପ ନେବ। ଜଣେ ଅଣ ଓଡ଼ିଆ ଅଫିସରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବଦନାମ ହେଉଛନ୍ତି। ତେଣୁ ଓଡ଼ିଶାରୁ ଏହି ଅଣଓଡ଼ିଆ ଅଫିସରକୁ ହଟାଇବାକୁ ପଡ଼ିବ। ଏଥର କୌଣସି ଶକ୍ତି ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନକୁ ରୋକିପାରିବ ନାହିଁ। ନିମାପଡ଼ା ଅମଲାପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଶନିବାର ଧନୁଆ ମଣ୍ଡଳ ଦଳୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଯୋଗଦେଇ ଏହା କହିଛନ୍ତି। ନିମାପଡ଼ା ସମେତ ସମଗ୍ର ରାଜ୍ୟରେ ପଦ୍ମ ଫୁଟିବ। ମୋଦି ଗ୍ୟାରେଣ୍ଟିକୁ ପାଥେୟ କରି ଭାଜପା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ସେ ଭୋଟରଙ୍କୁ ନିବେଦନ କରିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏଥର ପରିବର୍ତ୍ତନ ହେବ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ ବୋଲି ଆହ୍ୱାନ ଦେଇଥିଲେ। ଏଥିରେ ବରିଷ୍ଠ ନେତା ଯତିନ୍ଦ୍ର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଧୀର ରଞ୍ଜନ ଦାଶ, ନିରଞ୍ଜନ ନାୟକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତିସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଦୁଇଟି ପଦ୍ମରେ ଭୋଟ ଦେବାକୁ ସେମାନେ ଭୋଟରଙ୍କୁ ନିବେଦନ କରିଥିଲେ। ସେହିପରି ଚାରିଛକ ଓ ବଳଙ୍ଗାଠାରେ ବୁଥ୍ ବିଜୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଅଭିମନ୍ୟୁ ପଣ୍ଡା, ପ୍ରଶାନ୍ତ ବେହେରା, ଧୂଳ ସାହୁ, ସନ୍ତୋଷ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।



ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଉପସ୍ଥିତ କର୍ମୀଙ୍କୁ ସମ୍ବୋଧିତ କରୁଛନ୍ତି।

## ନବଗ୍ରହ ପୀଠରେ ଶ୍ରଦ୍ଧାଳୁ, ମାନସିକଧାରୀଙ୍କ ପୂଜାର୍ଚ୍ଚନା

**ବୈଶାଖ ମାସ ଶେଷ ଶନିବାର**

କୋଣାର୍କ,୧୮।୫(ଜ୍ୟୋତିରାଜ ମହାନ୍ତି)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ନବଗ୍ରହ ପୀଠରେ ବୈଶାଖ ମାସ ଶେଷ ଶନିବାର ଅବସରରେ ମାନସିକଧାରୀ ଶ୍ରଦ୍ଧାଳୁ ଭକ୍ତଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା।

ଖବରରୁ ପ୍ରକାଶ, ପରିବାରର ରିଷ୍ଟ ଖଣ୍ଡନ ଓ ଗ୍ରହ ଶାନ୍ତି ନିମନ୍ତେ ଓଡ଼ିଶାର କୋଣ ଅନୁକୋଣରୁ ବୈଶାଖ ମାସ ଶେଷ ଶନିବାର ଅବସରରେ ମାନସିକଧାରୀ ଶ୍ରଦ୍ଧାଳୁ ଭକ୍ତ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ନବଗ୍ରହଙ୍କୁ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କଲେ ଦୀର୍ଘ ଦିନ ଧରି ରହିଥିବା ପରିବାରର ଅଶାନ୍ତି ଦୂର ହେବା ସହ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ହୋମଯଜ୍ଞରେ ନବଗ୍ରହ ପୀଠରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।



ପୀଠରେ ଥିବା ବାଲିରେ ମାନସିକ ବ୍ରତ ରଖି ଉପବାସ କରିଥିବା ମହିଳାମାନେ ନିଜ ନିଜର ରୋଗ ବ୍ୟାଧିରେ ପୀଡ଼ିତ ଶିଶୁ, ମାନସିକ ଓ ଶାରୀରିକ ଭାବେ ଅକ୍ଷମତା ଥିବା ଶିଶୁଙ୍କୁ ପୀଠ ସଂଲଗ୍ନ ବାଲିରେ ଗାତ ଖୋଳି ପୋତିଥିଲେ। ଏଥିରେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ପୀଠ ସଂଲଗ୍ନ ବିଭିନ୍ନ ସ୍ଥାନରେ ସାମାଜିକ ସଂଗଠନ ଓ ବାଦ୍ୟାନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଜଳଛତ୍ରମାନ ଖୋଲାଯାଇ ଶ୍ରଦ୍ଧାଳୁଙ୍କୁ ପଣାପାଣି ବଣ୍ଟାଯାଇଥିଲା। ଭକ୍ତଙ୍କ ଆଶାତୀତ ଭିଡ଼ ଯୋଗୁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା। କୋଣାର୍କ ଏନ୍‌ଏସିର ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନ ଥିବାବେଳେ ରାସ୍ତା ପାର୍ଶ୍ୱରେ ଗାଡ଼ି ପାଇଁ ଶ୍ରଦ୍ଧାଳୁଙ୍କଠାରୁ ବେଆଇନ ପାର୍କିଂ ଫି ଆଦାୟ କରାଯାଇଥିଲା। ଏହାକୁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ପର୍ଯ୍ୟଟକ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣ ନାପସନ୍ଦ କରିଥିବାବେଳେ ପୁରୀ ଜିଲାପାଳଙ୍କୁ ଏହି ଘଟଣା ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ମନ୍ଦିର ପରିସର ଛୋଟ ଓ ଅଣ ଓସାରିଆ ଥିବା ହେତୁ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା କରିବା ଓ ଯାତାୟାତରେ ବିଭିନ୍ନ ଅସୁବିଧା ଉପୁଜିଥିବାବେଳେ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

**ହୋମ୍ ଭୋଟିଂ: ୭ଜଣ କଲେ ମତଦାନ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ହୋମ୍ ଭୋଟିଂ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ୮୫ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ନିମନ୍ତେ ପ୍ରଥମଥର ପାଇଁ ଏଭଳି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ୮୫ଜଣ ଭୋଟର ହୋମ୍ ଭୋଟିଂ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ଚୌଦ୍ୱାର ପୌରାଞ୍ଚଳର ୭ଜଣ ମତଦାନ କରିଥିବା ଚୌଦ୍ୱାର ପୌରପାଳିକା ନିର୍ବାଚନ ପରିଚାଳନା କର୍ମଚାରୀ ସନ୍ତୋଷ କୁମାର ହୋତା କହିଛନ୍ତି। ହୋମ୍ ଭୋଟିଂ ପାଇଁ ଗଠନ ହୋଇଥିବା ଟିମ୍ ଘରକୁ ଯାଇ ସେମାନଙ୍କ ଭୋଟ ଗ୍ରହଣ କରିଛନ୍ତି। ପୌରପାଳିକାର ପୂର୍ବତନ ନଗରପାଳ ଚିତ୍ତରଞ୍ଜନ ପରିଜାଙ୍କ ସ୍ତ୍ରୀ ପ୍ରଥମେ ମତଦାନ କରିଥିବାବେଳେ ଓଟିଏମ୍ କଲୋନୀର ୧୧୦ ବର୍ଷର ଜଣେ ବୃଦ୍ଧା ମତଦାନ କରିଥିବା ଜଣାପଡ଼ିଛି।

# ୨୦ରେ କଟକ ଆସିବେ ପ୍ରଧାନମନ୍ତ୍ରୀ

କଟକ,୧୮।୫(କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)



ସମାବେଶ ସ୍ଥଳରେ ଡଗ୍‌ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯାଉଛି।

- ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ
- ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲା ଏସ୍‌ପିଜି ଟିମ୍

ନିର୍ବାଚନ ପ୍ରଚାର ପାଇଁ ଆସନ୍ତା ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ଆସିବେ। ସେ ଉପର ବାଲିଯାତ୍ରା ପଡିଆରେ ଏକ ବିଶାଳ ଜନ ସମାବେଶକୁ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୩୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହାବାଦ୍ ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍, କ୍ୟୁଆର୍‌ଟି, କ୍ୟୁଏଟି, ଏସଓଜି କମାଣ୍ଡୋଙ୍କ ସହ ଏକାଧିକ ଅଗ୍ନିଶମ ଟିମ୍ ସଭାସ୍ଥଳରେ ନିୟୋଜିତ ହେବେ। ବ୍ଲୁବୁକ୍ ପ୍ରୋଟୋକୋଲ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ରହିବ। ସ୍ପେଶାଲ ପ୍ରୋଟେକସନ୍ ଗ୍ରୁପ୍ (ଏସ୍‌ପିଜି)ର ସୁରକ୍ଷା ଘେରରେ ପ୍ରଧାନମନ୍ତ୍ରୀ ରହିବେ। ତେଣୁ ଏସ୍‌ପିଜିର ଏକ ଟିମ୍ ଦୁଇ ଦିନ ହେବ କାର୍ଯ୍ୟକ୍ରମ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ଶନିବାର କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀଙ୍କ ସହ ଏସ୍‌ପିଜି ଟିମ୍ ସ୍ଥିତି ଯାଞ୍ଚ କରିଛି। ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଟକ ଆସିବେ। ଏଥିପାଇଁ ତଳ ବାଲିଯାତ୍ରା ପଡିଆରେ ଅସ୍ଥାୟୀ ହେଲିପ୍ୟାଡ୍ ତିଆରି ହୋଇଛି। ଏହି କ୍ରମରେ ଶନିବାର ବାୟୁସେନା ତରଫରୁ କାର୍ଯ୍ୟକ୍ରମର ୪୮ ଘଣ୍ଟା ପୂର୍ବରୁ ମକ୍‌ଡ୍ରିଲ କରାଯାଇଛି। ପୂର୍ବାହ୍ନରେ ଦୁଇଟି ହେଲିକପ୍ଟର ତଳ ବାଲିଯାତ୍ରା ପଡିଆରେ ଅବତରଣ କରିଥିଲା। ସେଠାରେ ବାୟୁସେନା ଓ ଏସ୍‌ପିଜି ଅଧିକାରୀ ରାଜ୍ୟ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କିଛି ସମୟ ପରେ ହେଲିକପ୍ଟର ପୁଣି ଫେରିଯାଇଥିଲା। ତେବେ ପାଗ ଖରାପ ରହିଲେ ପ୍ରଧାନମନ୍ତ୍ରୀ କାର୍ ଯୋଗେ ଆସିପାରନ୍ତି। ଏ ଦିଗରେ ମଧ୍ୟ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ରବିବାର ରାଜ୍ୟ ପୋଲିସ ଓ ଏସ୍‌ପିଜି ଟିମ୍‌ର ମିଳିତ ଭାବେ ପୂର୍ଣ୍ଣାଙ୍ଗ ମକ୍‌ଡ୍ରିଲ କରାଯିବା ପରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ ବୋଲି ସୂଚନା ଦିଆଯାଇଛି।

ପ୍ରଧାନମନ୍ତ୍ରୀଙ୍କ କଟକ ଗସ୍ତ ପାଇଁ ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଶନିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ପ୍ରବକ୍ତା ସଜ୍ଜନ ଶର୍ମା କହିଛନ୍ତି, ଉକ୍ତ ଦିନ ପ୍ରଧାନମନ୍ତ୍ରୀ ପୁରୀରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ସେଠାରେ ରୋଡ୍ ଶୋ କରିବେ। ଏହାପରେ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟାରୁ ୧୧ଟା ୩୦ ମିନିଟ୍ ମଧ୍ୟରେ କଟକରେ ପହଞ୍ଚି ସଭାରେ ଉଦ୍‌ବୋଧନ ଦେବେ। ଯେଉଁଭଳି ଭାବେ ରାଜ୍ୟବାସୀଙ୍କୁ ସୁଶାସନରୁ ଦୂରେଇ ରଖାଯାଇ ଭୁଆଁ ବୁଲାଯାଉଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ। ଏଥିସହ କଟକବାସୀ ଭାଜପା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ସହ ଡବଲ ଇଞ୍ଜିନ ସରକାର ଗଢିବାରେ ସହାୟକ ହେବା ପାଇଁ ମୋଦି ନିବେଦନ କରିବେ। ଏହି ସଭାରେ ରାଜ୍ୟ ପ୍ରଭାରୀ, ଜିଲା ଅଧ୍ୟକ୍ଷଙ୍କ ସମେତ ସମସ୍ତ ପ୍ରାର୍ଥୀ ଉପସ୍ଥିତ ରହିବେ ବୋଲି ଶର୍ମା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, କଟକ ଲୋକ ସଭା ପ୍ରଭାରୀ ପ୍ରତାପ ମିଶ୍ର, ମିଡ଼ିଆ ସଂଯୋଜକ ମାନସ ପାଣି ଓ ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ କଟକ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ବାସଭବନରେ ଥିବା ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ବାଇକ୍ ଚାଳକଙ୍କଠାରୁ ୮ ଲକ୍ଷ ଜବତ

କଟକ,୧୮।୫(କାର୍ତ୍ତିକ ସାହୁ)

ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଦେଇ ମୁଣ୍ଡିଆ ପାହାଡ଼ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯାଉଥିବାବେଳେ ଜଣେ ବାଇକ୍ ଚାଳକଙ୍କଠାରୁ ୮ ଲକ୍ଷ ଟଙ୍କା ଜବତ କରାଯାଇଛି। ନିର୍ବାଚନ ଆଚରଣବିଧି ଲାଗୁହେବା ପରଠାରୁ ଉକ୍ତ ନିର୍ବାଚନମଣ୍ଡଳୀରେ ଏହା ସର୍ବାଧିକ ଟଙ୍କା ଜବତ କରାଯାଇଛି ବୋଲି ବାଙ୍କୀ ରିଟର୍ନିଂ ଅଫିସର ଦେବୀ ପ୍ରସାଦ ମହାନ୍ତି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଫ୍ଲାଇଂ ସ୍କ୍ୱାଡ ଟିମ୍ ପକ୍ଷରୁ ଉକ୍ତ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଜଣେ ଯୁବକ ବାଇକ୍ ଯୋଗେ ସୁନାଦେଇ ମୁଣ୍ଡିଆ ପାହାଡ ଦେଇ ଯାଉଥିବାବେଳେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ତାଙ୍କ ନିକଟରେ ୮ ଲକ୍ଷ ଟଙ୍କା ଥିବା ଜଣାପଡିଥିଲା। ସମ୍ପୃକ୍ତ ଚାଳକ ଜଣଙ୍କ କୌଣସି ପ୍ରମାଣ ନ ଦେଇପାରିବାରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ପରିପ୍ରେକ୍ଷୀରେ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଉକ୍ତ ଟଙ୍କା ଜବତ କରିଥିଲା। ପରେ ଉକ୍ତ ଟଙ୍କାକୁ ବାଙ୍କୀସ୍ଥିତ ଉପକୋଷାଗାରଠାରେ ସୁରକ୍ଷିତ ଭାବେ ରଖାଯାଇଛି।

## 'ଭାଜପା ସରକାର ଗଢ଼ିବାରେ କଟକବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭାଜପାର ନିର୍ବାଚନୀ ସଭା**

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଯୋବ୍ରାସ୍ଥିତ ଆଇ ଲଭ କଟକଠାରେ ଭାଜପା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଅମ୍ବିକା ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, ଭାଜପା ରାଜସ୍ଥାନ ରାଜ୍ୟ ଉପସଭାପତି ନହର ସିଂ ଯୋଦ୍ଧା ଯୋଗଦେଇଥିଲେ। ଏହି ଅବସରରେ ନହର କହିଛନ୍ତି, ଭାଜପା ସରକାର ଗଢିବାରେ କଟକବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଯେଉଁ ନାରା ଦିଆଯାଉଛି କଟକବାସୀ ଚାହିଁଲେ ତାହାକୁ ସତରେ ପରିଣତ କରିପାରିବେ। ବିପୁଳ ମାତ୍ରାରେ ଭାଜପାକୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ପୂର୍ବତନ ଛାତ୍ର ଯୁବ ଜନତା ନେତା ପ୍ରକାଶ ଦାସଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି ସଭାରେ ଶ୍ରୀନିବାସ ରାଓ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ମହେନ୍ଦ୍ର ମହାନ୍ତି, ଭାଗୀରଥି ଦଳେଇ, ମହିମା ସ୍ୱାଇଁ, ପୂର୍ବତନ କର୍ପୋରେଟର ସଙ୍ଗୀତା ଶର୍ମା, ରଞ୍ଜିତା ନାୟକ, ଇତିଶ୍ରୀ ବେହେରା, ରୀନାରାଣୀ ବେହେରା, ତପସ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆୟକର ଆପିଲେଟ୍ ପ୍ରାଧିକରଣର ସୁବର୍ଣ୍ଣ ଜୟନ୍ତୀ ସମାରୋହ




ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୮।୫ (କାର୍ତ୍ତିକ ସାହୁ)

ଆୟକର ଆପିଲେଟ୍ ପ୍ରାଧିକରଣ ବାର୍ ଆସୋସିଏଶନ୍ ପକ୍ଷରୁ ଆୟକର ଆପିଲେଟ୍ ପ୍ରାଧିକରଣର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର କଟକ ଚହଟାସ୍ଥିତ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ବିଚାରପତି ଡ. ବି. ଆର୍. ଷଡଙ୍ଗୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଆୟକର ଆପିଲେଟ୍ ପ୍ରାଧିକରଣର ସର୍ବଭାରତୀୟ ସଭାପତି ତଥା ବିଚାରପତି ଚନ୍ଦ୍ରକାନ୍ତ ବସନ୍ତ ଭାଙ୍ଗଡ଼, ସିଟି ଏବଂ ଜିଏସ୍‌ଟିର ମୁଖ୍ୟ ଆୟୁକ୍ତ ସଞ୍ଜୟ କୁମାର ସିଂହ, କେନ୍ଦ୍ରୀୟ ଅବକାରୀ କଷ୍ଟମ୍‌ସର ମୁଖ୍ୟ ଆୟୁକ୍ତ ସଞ୍ଜୟ ପନ୍ଥ, ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂସ୍ଥାନର ସଭାପତି ରଣଜିତ୍ କୁମାର ଅଗ୍ରୱାଲା ଯୋଗଦେଇଥିଲେ। ଏହି ଅବସରରେ ୭ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଓ ୭ ଜଣ ବରିଷ୍ଠ ଆଇନଜ୍ଞଙ୍କୁ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ନଟବର ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରଜ୍ଞାରାଜ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଦୁଇଦିନିଆ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଓ ଆଇନଜୀବୀ ଯୋଗଦେଇଥିବା କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୪୨ ମୌଜାରେ ବିଜେଡିର ମିଶ୍ରଣ ପର୍ବ

କଟକ ସଦର, ୧୮।୫(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନ ୪୨ ମୌଜାରେ ବିଜେଡିର ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୂଳସରିଛୁଆଁ ଓ ବେଣ୍ଟକାର ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଉଦୟ ସାସମଲ, ପ୍ରକାଶ ସାହୁ, ମଧୁସ୍ମିତା ସାସମଲ, ସଞ୍ଜୀବ ମହାପାତ୍ର, ପ୍ରଣବ ଦାସ, ଲକ୍ଷ୍ମୀପ୍ରିୟା ବେହେରା, ରମେଶ ଭୋଳ, ପୂର୍ଣ୍ଣଚନ୍ଦ୍ର ଭୋଇ, ବାବୁ ଭୋଇ, ବେଣ୍ଟକାରର ନିରଞ୍ଜନ ମଲ୍ଲିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଅନ୍ତର୍ଭୁକ୍ତ ଅଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡିର ସରୋଜ ନାୟକ, ଅଜୟ ଦଳେଇ, ବିଭୁତି ଭୂଷଣ ପରିଡ଼ା, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ପ୍ରମୋଦ ମହାପାତ୍ର, ବୀରବର ଲେଙ୍କା, ଅଶୋକ ମହାନ୍ତି, ତ୍ରିଲୋଚନ ଦଳାଇ, ବିଦ୍ୟାଧର ପାତ୍ର, ସୁରେନ୍ଦ୍ର ନାଥ ବେହେରା, ଶରତ କୁମାର ରାୟଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ପୋଷ୍ଟାଲ ବାଲଟ: ଭୋଟ ଦେବେ ୮୬୩୮ ଭୋଟର

କଟକ,୧୮।୫ (କାର୍ତ୍ତିକ ସାହୁ)

କେହି ଯେପରି ମତଦାନରୁ ବଞ୍ଚିତ ନ ହେବେ ସେନେଇ ବିଭିନ୍ନ ପ୍ରକାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ପୋଷ୍ଟାଲ ବାଲଟ ବ୍ୟବସ୍ଥା ଅନ୍ୟତମ। ଚଳିତ ନିର୍ବାଚନ ପାଇଁ କଟକ ଜିଲାର ୯ଟି ନିର୍ବାଚନ ମଣ୍ଡଳୀରେ ମୋଟ୍ ୮୬୩୮ ଜଣଙ୍କୁ ପୋଷ୍ଟାଲ ବାଲଟର ସୁବିଧା ପ୍ରଦାନ କରାଯିବ। ସେଥିମଧ୍ୟରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ହୋମ୍ ଭୋଟିଂ ୫୮୭, ସୁବିଧା କେନ୍ଦ୍ରରେ ୭୧୧୭ ଓ ଜରୁରିକାଳୀନ ସେବାରେ ଥିବା ୯୩୪ ଜଣ ଭୋଟ ଦେବେ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

ସୂଚନା ଅନୁସାରେ, ଜିଲାରେ ୩ ପ୍ରକାରର ନାଗରିକଙ୍କୁ ପୋଷ୍ଟାଲ ବାଲଟ୍‌ରେ ଭୋଟିଂ ନିମନ୍ତେ ସୁଯୋଗ ପ୍ରଦାନ କରାଯିବ। ସେମାନେ ହେଲେ ୪୩୧ ଜଣ ବରିଷ୍ଠ ନାଗରିକ, ୧୫୬ ଦିବ୍ୟାଙ୍ଗ ଓ ଜରୁରିକାଳୀନ ସେବାରେ ଥିବା ୯୩୪ ବ୍ୟକ୍ତିବିଶେଷ। ଏହାବାଦ୍ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ୭୧୧୭ ଜଣ ସରକାରୀ କର୍ମଚାରୀ ସୁବିଧା କେନ୍ଦ୍ରରେ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେବେ। ବରିଷ୍ଠ ନାଗରିକ ବଡ଼ମ୍ବା ବ୍ଲକରେ ୨୪, ବାଙ୍କୀରେ ୯୨, ଆଠଗଡ଼ରେ ୧୪, ବାରବାଟୀ-କଟକରେ ୩୪, ଚୌଦ୍ୱାର-କଟକରେ ୪୪, ନିଆଳିରେ ୫୯, କଟକ ସଦରରେ ୧୦୫, ସାଲେପୁରରେ ୩୪, ମାହାଙ୍ଗାରେ ୨୫ ଜଣ ଅଛନ୍ତି। ସେହିପରି ଦିବ୍ୟାଙ୍ଗ ବଡ଼ମ୍ବା ବ୍ଲକରେ ୨୩, ବାଙ୍କୀରେ ୧୯, ଆଠଗଡ଼ରେ ୧୫, ବାରବାଟୀ-କଟକରେ ୧୧, ଚୌଦ୍ୱାର-କଟକରେ ୪୨, ନିଆଳିରେ ୧୦, କଟକ ସଦରରେ ୧୮, ସାଲେପୁରରେ ୩, ମାହାଙ୍ଗାରେ ୧୫ ଜଣ ଅଛନ୍ତି। ଏଥିସହ ଜରୁରିକାଳୀନ ସେବାରେ ଥିବା ବ୍ୟକ୍ତିବିଶେଷ ବଡ଼ମ୍ବା ବ୍ଲକରେ ୭୯, ବାଙ୍କୀରେ ୯୮, ଆଠଗଡ଼ରେ ୯୨, ବାରବାଟୀ-କଟକରେ ୧୮୧, ଚୌଦ୍ୱାର-କଟକରେ ୧୧୮, ନିଆଳିରେ ୬୫, କଟକ ସଦରରେ ୧୪୯, ସାଲେପୁରରେ ୯୨, ମାହାଙ୍ଗାରେ ୬୦ ଜଣ ଅଛନ୍ତି। ସେହିପରି ସୁବିଧା କେନ୍ଦ୍ରରେ ବଡ଼ମ୍ବା ବ୍ଲକରେ ୧୧୧୨, ବାଙ୍କୀରେ ୯୯୭, ଆଠଗଡ଼ରେ ୬୯୭, ବାରବାଟୀ-କଟକରେ ୫୯୫, ଚୌଦ୍ୱାର-କଟକରେ ୬୪୩, ନିଆଳିରେ ୮୬୮, କଟକ ସଦରରେ ୬୦୪, ସାଲେପୁରରେ ୭୯୦, ମାହାଙ୍ଗାରେ ୮୦୧ ମତଦାନ କରିବାକୁ ଅଛନ୍ତି।

ଏହି ପୋଷ୍ଟାଲ ବାଲଟ ପ୍ରକ୍ରିୟାରେ ମତଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ନିମନ୍ତେ ପ୍ରତି ବ୍ଲକରେ ଭୋଟିଂ ଟିମ୍ ଓ ସୁବିଧା କେନ୍ଦ୍ର କରାଯାଇଛି। ସାରା ଜିଲାରେ ମୋଟ୍ ୨୩ଟି ପୋଷ୍ଟାଲ ବାଲାଟ ଟିମ୍ ଓ ୩୦ଟି ସୁବିଧା କେନ୍ଦ୍ର ହୋଇଛି। ଏହି ପୋଷ୍ଟାଲ ବାଲଟ ଟିମ୍‌ଗୁଡ଼ିକ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ନିକଟକୁ ଯାଇ ସେମାନଙ୍କ ମତଦାନ ସଂଗ୍ରହ କରିବେ ବୋଲି ଜଣାପଡିଛି। ଅପରପକ୍ଷରେ ଜିଲାରେ ଶତପ୍ରତିଶତ ମତଦାନ ନିମନ୍ତେ ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରାଯାଉଛି। ବୈଦ୍ୟୁତିକ, ମୁଦ୍ରିତ ତଥା ସାମାଜିକ ଗଣମାଧ୍ୟମଗୁଡ଼ିକ ମାଧ୍ୟମରେ ମତଦାନ ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ସେହିପରି ନୂତନ ଭୋଟରମାନଙ୍କୁ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ର କାର୍ଯ୍ୟକାରିତା ନେଇ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ ଭ୍ୟାନ୍‌ରେ ପ୍ରଦର୍ଶନ କରାଯାଇଛି।

## ଡକ୍ଟର ଜ୍ୟୋତିରେଖା ମହାନ୍ତିଙ୍କ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚିତ

କଟକ,୧୮।୫ (କାର୍ତ୍ତିକ ସାହୁ)



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ ଶ୍ରୀରାମଚନ୍ଦ୍ର ଭବନରେ ଡକ୍ଟର ଜ୍ୟୋତିରେଖା ମହାନ୍ତିଙ୍କ ଗବେଷଣାତ୍ମକ ପୁସ୍ତକ 'ଟ୍ରାଇବ୍‌ସ ଅଫ୍ ଓଡ଼ିଶା: ଇସୁଜ୍ ଅଫ୍ ଆଇଡେଣ୍ଟିଟି, ସୋସାଇଟି ଆଣ୍ଡ୍ କଲଚର' ଶନିବାର ଉନ୍ମୋଚିତ ହୋଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଐତିହାସିକ ତଥା ଗବେଷକ ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ କହିଛନ୍ତି, ଡକ୍ଟର ମହାନ୍ତିଙ୍କ ଏହି ପୁସ୍ତକ ଓଡ଼ିଶାର ସାମାଜିକ ଜୀବନ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରେ। ଏଥିରେ ସମ୍ମାନିତ ଅତିଥି ପ୍ରଫେସର ବିନୋଦିନୀ ଦାସ ଓ ମୁଖ୍ୟବକ୍ତା ପ୍ରଫେସର ହରିହର ପଣ୍ଡା ପୁସ୍ତକର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡକ୍ଟର ଜ୍ୟୋତିରେଖା ମହାନ୍ତି ଓ ପ୍ରକାଶକ ଦିଲୀପ କୁମାର ବେଉରା ବକ୍ତବ୍ୟ ଦେଇଥିଲେ। ସରୋଜିନୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଡକ୍ଟର ସସ୍ମିତା ସାହୁ ସ୍ୱାଗତ ଭାଷଣ ଓ ଶାନ୍ତିଲତା ସିଂହଦେଓ ଧନ୍ୟବାଦ ଦେଇଥିଲେ।

## ପଦଯାତ୍ରାରେ ପ୍ରଚାର କଲେ ପ୍ରକାଶ



ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ପଦଯାତ୍ରାରେ ନିର୍ବାଚନ ପ୍ରଚାର କରୁଛନ୍ତି।

କଟକ,୧୮।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା କଟକର ବିଭିନ୍ନ ଅଞ୍ଚଳରେ ପଦଯାତ୍ରା କରି ଭୋଟ୍ ପାଇଁ ଲୋକମାନଙ୍କୁ ନିବେଦନ କରିଛନ୍ତି। କଟକ ମଣିସାହୁ ଛକ ହନୁମାନ ମନ୍ଦିରଠାରୁ ପଦଯାତ୍ରା ବାହାରି ଷ୍ଟେଶନ କଲୋନୀ, ପୋଲିସ ଲାଇନ୍ କଲୋନୀ, ପିଏସ୍‌ଓ କଲୋନୀ, ସିଡିଏମ୍‌ଓ କଲୋନୀ, ଗାୟତ୍ରୀ ବିହାର, କଫି ସେଣ୍ଟର କଲୋନୀ, ଭଙ୍ଗ ମଠ ଦେଇ ମସ୍ତାନ ଦରଘାଠାରେ ଶେଷ ହୋଇଥିଲା। ପରେ ସେ ସିଏମ୍‌ସିର ୨୦ ନମ୍ବର ୱାର୍ଡ ନଣ୍ଡାଦେଉଳ ମନ୍ଦିରଠାରୁ ପଦଯାତ୍ରାରେ ବାହାରି ନିମଚୌଡ଼ି ଛକ, ଭାଷାକୋଷ ଲେନ୍, ଆର୍‌ଏନ୍‌ଟି ଛକ ସମେତ ବିଭିନ୍ନ ଅଞ୍ଚଳକୁ ଯାଇଥିଲେ। ଏହାପରେ ସେ ନୟାସଡକସ୍ଥିତ ଶିବ ମନ୍ଦିରଠାରୁ ପଦଯାତ୍ରାରେ ବାହାରି ଚୌଧୁରୀ ବଜାର, ଗୋପାଳଜୀଉ ଲେନ୍, ମଠସାହି, ଟାଉନ୍‌ହଲ ରୋଡ, ପୂର୍ଣ୍ଣ ସାହୁ ଛକ, ଯାଉଁଳିଆପଟି ଦେଇ ଉପରତେଲେଙ୍ଗା ବଜାରରେ ପହଞ୍ଚିଥିଲେ। ଏଥିସହ ସିଏମ୍‌ସିର ୨୦ ଓ ୨୧ ନମ୍ବର ୱାର୍ଡରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ପଦଯାତ୍ରାରେ ସିଏମ୍‌ସି ମେୟର ସୁବାସ ସିଂ, ୧୫ ନଂ. ୱାର୍ଡର କର୍ପୋରେଟର ରୀତା ମହାନ୍ତି, ୱାର୍ଡସଭାପତି ଦୀପଙ୍କର ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, କଟକ ନଗର ଯୁବ ସଭାପତି ସୟଦ୍ ଜଲିଲ, ଜଗନ୍ନାଥ ସ୍ୱାଇଁ, କୁନିଆ ସେଠୀ, ୨୨ ନମ୍ବର ୱାର୍ଡର କର୍ପୋରେଟର ଅଶୋକ ଶର୍ମା, ୱାର୍ଡ ସଭାପତି ବିଜୟ ଦେ, ୱାର୍ଡ ଯୁବ ସଭାପତି ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଯୁକ୍ତ ପ୍ରାର୍ଥୀ ଚୟନ କରି ଭୋଟ ଦେବି

**କଟକ,୧୮।୫(ଦିବାକର ସାହୁ): ନିର୍ବାଚନ ପାଇଁ କଟକ ଜିଲାରେ ବାତାବରଣ ସରଗରମ ହୋଇଛି। ପ୍ରାର୍ଥୀମାନେ ଭୋଟରଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ମନଲୋଭା ପ୍ରତିଶ୍ରୁତି ଦେଉଛନ୍ତି। ଏପରି କି ରୋଡ୍ ଶୋ' ମାଧ୍ୟମରେ ନିର୍ବାଚନ ପ୍ରଚାର କରିବା ସହ ପଦଯାତ୍ରାରେ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି। ବିଶେଷକରି ଚଳିତ ନିର୍ବାଚନରେ ପ୍ରଥମଥର ଭୋଟ୍ ଦେବାକୁ ଯାଉଥିବା ଭୋଟରଙ୍କୁ ପ୍ରାର୍ଥୀମାନେ ପ୍ରାଧାନ୍ୟ ଦେଉଛନ୍ତି। ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀ ଯେତେ ପ୍ରଲୋଭନ ଦେଖାଇଲେ ମଧ୍ୟ ଭୋଟରମାନେ ଭାବିଚିନ୍ତି ଭୋଟ ଦେବା ଦରକାର ବୋଲି ମତପ୍ରକାଶ ପାଇଛି।**



"ଚଳିତ ନିର୍ବାଚନରେ ପ୍ରଥମଥର ଭୋଟ୍ ଦେବା ପାଇଁ ବେଶ୍ ଉତ୍ସାହିତ ଅଛି। ଦେଶର ହିତ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ଭୋଟ ଦେବି। ଏଥିସହ ପ୍ରତ୍ୟେକ ଭୋଟର ଏଭଳି କରିବା ଦରକାର। ଯଦି ଭାରତରେ ଗୋଟିଏ ସମୟରେ ଏକକାଳୀନ ଭୋଟିଂ ବ୍ୟବସ୍ଥା ହୁଅନ୍ତା, ତା'ହେଲେ ସମୟ ଓ ଅର୍ଥ ବଞ୍ଚନ୍ତା।

**ବିଷ୍ଣୁ ପ୍ରସାଦ ଜେନା, ଛାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



"ପ୍ରଥମଥର ଭୋଟ ଦେବାକୁ ଥିବାରୁ ଖୁସି ଲାଗୁଛି। ଭାରତର ନାଗରିକ ହିସାବରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବି। ଦେଶର ବିକାଶ ଓ ନିଜ ମନପସନ୍ଦର ନେତାଙ୍କୁ ବାଛିବା ପାଇଁ ଭୋଟ ହେଉଛି ମାଧ୍ୟମ। ତେଣୁ ସମସ୍ତେ ଭୋଟ ଦେବା ଉଚିତ।

**ବଦ୍ରିମୋହନ ରାଉତ, ଦ ଲ' କଲେଜ ଛାତ୍ର, କଟକ**



"ପୂର୍ବ ଅପେକ୍ଷା ଏବେ ଭୋଟିଂ ବ୍ୟବସ୍ଥାକୁ ସହଜ କରାଯାଇଛି। ପୂର୍ବରୁ ବାଲଟ ପେପରରେ ଲୋକମାନେ ଭୋଟ ଦେଉଥିବାବେଳେ ଏବେ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ରେ ଭୋଟ ଦେଉଛନ୍ତି। ଏଥିପାଇଁ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଉଛି। ହେଲେ କେତେକ ସ୍ଥାନରେ ଇଭିଏମ୍‌ରେ ଭୋଟିଂକୁ ନେଇ ବିବାଦ ଦେଖିବାକୁ ମିଳୁଛି। ଏଥିପ୍ରତି ଦୃଷ୍ଟି ଦିଆଗଲେ ଭଲ।

**ବିଶୁ ବିଶ୍ୱଜିତ୍, ଇତିହାସ ବିଭାଗ ଛାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



"ଏଥର ନିର୍ବାଚନରେ ପ୍ରଥମଥର ଭୋଟ ଦେବି। ଭାରତର ନାଗରିକ ହିସାବରେ ଏହା ମୋର ଗଣତାନ୍ତ୍ରିକ ଅଧିକାର। ଗୋଟିଏ ଭୋଟ୍ ମାଧ୍ୟମରେ ୫ ବର୍ଷ ପାଇଁ ଆମେ ନେତା ଚୟନ କରିଥାଉ। ଯିଏ ଦେଶ ତଥା ରାଜ୍ୟକୁ ଆଗକୁ ନେବାରେ ସହାୟକ ହେବ ସେଭଳି ପ୍ରାର୍ଥୀଙ୍କୁ ପରଖି ଭୋଟ୍ ଦେବା ଆବଶ୍ୟକ। ତେଣୁ ସମସ୍ତେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

**ଇତିଶ୍ରୀ ମିଶ୍ର, ଆଇନ ବିଭାଗ ଛାତ୍ରୀ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**



"ଯେଉଁ ପ୍ରାର୍ଥୀ ସ୍ଥାନୀୟ ଅଞ୍ଚଳର ବିକାଶ ସହିତ ଲୋକମାନଙ୍କ ସୁଖଦୁଃଖରେ ଛିଡା ହୋଇପାରୁଥିବ ଏବଂ ସମସ୍ୟା ସମାଧାନ କରିପାରୁଥିବ ସେଭଳି ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ମନସ୍ଥ କରିଛି। ଭୋଟ ପରିଚୟପତ୍ର ସହିତ ଆଧାର ଲିଙ୍କ୍ କରିବା ଏବଂ ଭୋଟ ଦେବାବେଳେ ଆଙ୍ଗୁଠି ଛାପର ବ୍ୟବହାର କରାଗଲେ ମତଦାନ ପ୍ରକ୍ରିୟାରେ ଶତ ପ୍ରତିଶତ ସ୍ୱଚ୍ଛତା ଆସିପାରିବ।

**ଦେବବ୍ରତ ଜେନା, ଛାତ୍ର, କଷ୍ଟ ଆକାଉଣ୍ଟାଣ୍ଟ ସଂସ୍ଥାନ**

